**ସଂକ୍ଷେପରେ**

## ଗୋବରୀ କେନାଲ ପ୍ରଦୂଷଣ ମୁକ୍ତ ପାଇଁ ୨୦ କୋଟି ମଞ୍ଜୁର

**କେନ୍ଦ୍ରାପଡା ଅଫିସ,୧୯।୯-** କେନ୍ଦ୍ରାପଡ଼ା ସହର ନିକଟ ଗୋବରୀ କେନାଲକୁ ପ୍ରଦୂଷଣମୁକ୍ତ ପାଇଁ ୨୦ କୋଟି ଟଙ୍କା ମଞ୍ଜୁର ହୋଇଛି । ଏ ସମ୍ପର୍କରେ ବିଜୁ କୃଷକ ଜନତା ଦଳ ଜିଲା ସଭାପତି ସୌମେନ୍ଦ୍ର କୁମାର ଦାସ ବୁଧବାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ଏନେଇ ଜିଲା ସଭାପତି ଦାସ କୁହନ୍ତି, ଅତୀତରେ ଏହି କେନାଲ ମାଧମରେ ନୌପରିବହନ ହେଉଥିଲା । ତେବେ ଗତ କିଛି ବର୍ଷ ଧରି ଏହି କେନାଲ ପୋତି ହେବା ସହ ବର୍ଜ୍ୟବସ୍ତୁରେ ପରିପୂର୍ଣ୍ଣ ହୋଇଯାଇଛି। କେନ୍ଦ୍ରାପଡ଼ାସହରଠାରୁ ଗଣ୍ଡାକିଆ ପର୍ଯ୍ୟନ୍ତ ଦଳ ଭରି ରହୁଥିବାରୁ ସ୍ଥାନୀୟ ଲୋକେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି କେନାଲର ପୁନରୁଦ୍ଧାର ପାଇଁ ଗତ ୫ରେ ଜିଲାପାଳଙ୍କୁ ଏକ ଦାବିପତ୍ର ଦିଆଯାଇଥିଲା। ଏହି ଦାବିପତ୍ର ପ୍ରଦାନ ସମୟରେ ଓସ୍ତପୁର ସମିତିସଭ୍ୟ ପ୍ରସନ୍ନ କୁମାର ରାଉତ, ଗଣେଶ୍ୱର ନାୟକ, ସରପଞ୍ଚ କବିତା ବାରିକ ଓ ଅଯୋଧ୍ୟାନାଥ ବିଶ୍ୱାଳ ପ୍ରମୁଖ ସାମିଲ ହୋଇଥିଲେ । ଏ ବିଷୟକୁ ଜିଲା ପ୍ରଶାସନ ଗୁରୁତ୍ୱ ଦେଇଥିବା ଜିଲା ସଭାପତି ଦାସ କହିଛନ୍ତି।

■ ହାଜତରେ ମଦ ବ୍ୟବସାୟୀଙ୍କ ମୃତ୍ୟୁ ଘଟଣା

# ପୋଲିସ ବିରୋଧରେ ବଢୁଛି ଜନଅସନ୍ତୋଷ

■ ମୁଖ୍ୟମନ୍ତ୍ରୀଙ୍କ ୫ ଲକ୍ଷ ଟଙ୍କା ସହାୟତା ଘୋଷଣା
■ ଏନ୍ଏଚ୍ଆରସିଙ୍କ ନିକଟରେ ଅଭିଯୋଗ

**କେନ୍ଦ୍ରାପଡା ଅଫିସ, ୧୯।୯**

ପଟ୍ଟାମୁଣ୍ଡାଇ ଥାନା ହାଜତ ମୃତ୍ୟୁ ଘଟଣାରେ ମୃତକଙ୍କ ପରିବାରକୁ ୫ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଥିବା ଜିଲାପାଳ ସମର୍ଥ ବର୍ମା ସୂଚନା ଦେଇଛନ୍ତି। ହେଲେ ଏହି ଘଟଣାରେ ଥାନା କର୍ତ୍ତୃପକ୍ଷଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାରୁ ଜନଅସନ୍ତୋଷ ଦେଖାଦେଇଛି। ସ୍ଥାନୀୟ ଅରଡପଲ୍ଲୀ ଗ୍ରାମର ସୁଶାନ୍ତ ବେହେରାଙ୍କୁ ବେଆଇନ ମଦ କାରବାର ଅଭିଯୋଗରେ ବୁଧବାର ପୋଲିସ ଥାନାକୁ ଆଣିଥିବା ବେଳେ କୌଣସି କାରଣରୁ ତାଙ୍କର ମୃତ୍ୟୁ ଘଟିଥିଲା। ଏହା ହାଜତ ମୃତ୍ୟୁ ପରିବାର ଲୋକେ ଓ ଗ୍ରାମବାସୀ ଅଭିଯୋଗ କରୁଥିବା ବେଳେ ପୋଲିସ କିନ୍ତୁ ଏହାକୁ ଅସ୍ୱୀକାର କରିଛି।

ଅନ୍ୟପଟେ ସୁଶାନ୍ତଙ୍କ ପରିବାରକୁ ୨୦ଲକ୍ଷ ଟଙ୍କା କ୍ଷତିପୂରଣ ସହ ପୋଲିସ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ସାମାଜିକ କର୍ମୀ ପ୍ରତାପ ଚନ୍ଦ୍ର ମହାନ୍ତି ଜାତୀୟ ମାନବାଧିକାର କମିଶନ (ଏନ୍ଏଚ୍ଆର୍ସି)ଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏ ନେଇ ମାମଲା (କେସ ନଂ- ୧୧୪୧୪/ଆଇଏନ/୨୦୧୯) ରୁଜୁ ହୋଇଛି। ଏ ସମ୍ପର୍କରେ ମହାନ୍ତି କହିଛନ୍ତି, ଆସନ୍ତା ୪ ସପ୍ତାହ ମଧ୍ୟରେ ରିପୋର୍ଟ ପ୍ରଦାନ ପାଇଁ ଏନ୍ଏଚ୍ଆର୍ସିଙ୍କ ନିକଟରୁ ଏସ୍ପିଙ୍କୁ ଚିଠି ହୋଇଛି। ଅନ୍ତର୍ଜାତୀୟ ମାନବାଧିକାର ପରିଷଦର ଜିଲା ସଭାପତି ପ୍ରତାପ ଚନ୍ଦ୍ର ପାଢ଼ୀ କୁହନ୍ତି, ରାଜ୍ୟ ସରକାର ପୋଲିସର କାର୍ଯ୍ୟ ବ୍ୟବସ୍ଥାକୁ ସୁପରିଚାଳନା ପାଇଁ ୫-ଟି ମନ୍ତ୍ର ପ୍ରଦାନ କରିଛନ୍ତି। ତେବେ କୌଣସି ଥାନାରେ ଅଦ୍ୟାବଧି ଏହା କାର୍ଯ୍ୟକାରୀ ହେଉନାହିଁ। ୧୧ ମାସ ପୂର୍ବେ ମହାକାଳପଡା ଥାନାରେ ସମାନ ଏକ ଘଟଣା ଘଟିଥିଲା। ମାର୍ଶାଘାଇ ବ୍ଲକ ବାଲଣା ଗ୍ରାମର ଅବିନାଶ ପାଇଟାଳଙ୍କୁ ପୋଲିସ ପିଟିପିଟି ମାରି ଦେଇଥିଲା। ଏଥିରେ ସମ୍ପୃକ୍ତ ପୋଲିସ ଅଧିକାରୀଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲେ ମଧ୍ୟ ଅବିନାଶଙ୍କ ପରିବାରକୁ ଏ ପର୍ଯ୍ୟନ୍ତ ନ୍ୟାୟ ମିଳିନି। ଏ ସମ୍ପର୍କରେ ବୁଦ୍ଧିଜୀବୀ ଗଣେଶ ଚନ୍ଦ୍ର ସାମଲ କହିଛନ୍ତି, ଅବିନାଶ ମୃତ୍ୟୁ ଘଟଣାରେ ଥାନା ଅଧିକାରୀଙ୍କ ବିରୋଧରେ ମାମଲା ହୋଇଛି। କିନ୍ତୁ ମୃତକଙ୍କ ପରିବାରକୁ କ୍ଷତିପୂରଣ ମିଳିନାହିଁ। ଅପରପକ୍ଷେ ସୁଶାନ୍ତଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀ ୫ ଲକ୍ଷ ଟଙ୍କା କ୍ଷତିପୂରଣ ଘୋଷଣା କରିବା ପରେ ପରୋକ୍ଷରେ ହାଜତ ମୃତ୍ୟୁ ଅଭିଯୋଗକୁ ସ୍ୱୀକାର କରାଯାଇଛି। ତେବେ ଏ ନେଇ ସମ୍ପୃକ୍ତ ପୋଲିସ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆ ଯାଇନାହିଁ। ଦୁଇଟି ଘଟଣାରେ ଜିଲା ପୋଲିସ ମାମଲାକୁ ଚପାଇ ଦେବା ପାଇଁ ଆପ୍ରାଣ ଚେଷ୍ଟା କରିଥିବା ସମାଜିକ କର୍ମୀ ଅମରବର ବିଶ୍ୱାଳ, ସେକ୍ ଅନଜାନ, ସେକ୍ ସାବିର, ଚିତ୍ତରଞ୍ଜନ ସାହୁ ପ୍ରମୁଖ ମତ ଦେଇଛନ୍ତି। ସେମାନେ କହିଛନ୍ତି, ଜିଲାରେ ଅପରାଧ ନିୟନ୍ତ୍ରଣ କରିବାରେ ପୋଲିସ ବିଫଳ ହୋଇଥିବା ବେଳେ ସାଧାରଣ କଥାରେ ଉତ୍ତେଜିତ ହୋଇପଡୁଛି। ମୃତକଙ୍କ ପରିବାର ସଦସ୍ୟଙ୍କୁ ଦାବି ମୁତାବକ କ୍ଷତିପୂରଣ ସହିତ ଜିଲା ପୋଲିସର ଆମୂଳଚୂଳ ପରିବର୍ତ୍ତନ ଆବଶ୍ୟକ ବୋଲି ସେମାନେ କହିଛନ୍ତି।

## ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା



କ୍ରୀଡ଼ା ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ର।

**ମହାକାଳପଡ଼ା,୧୯।୯ (ଡି.ଏନ୍.ଏ.)**

ମହାକାଳପଡ଼ା ବ୍ଲକ ରାମନଗର ପଞ୍ଚାୟତସ୍ଥିତ ରାମଚଣ୍ଡୀ ବିଜୟାନ ହାଇସ୍କୁଲ ଖେଳ ପଡ଼ିଆରେ ୨୫ତମ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ଶାରୀରିକ କ୍ରୀଡ଼ା ପରିଦର୍ଶକ ଦିନେଶ ଚନ୍ଦ୍ର ଦେବନାଥ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍ଘାଟନ କରିଥିଲେ। ପ୍ରତିଯୋଗିତାରେ ୨୮ ବିଦ୍ୟାଳୟର ୭୧୩ ଛାତ୍ରୀଛାତ୍ର ଯୋଗଦେଇ ଫୁଟବଲ, ଭଲିବଲ, ଖୋଖୋ, କବାଡ଼ି, ବ୍ୟାଡମିଣ୍ଟନ ଓ ଯୋଗଭ୍ୟାସ ଆଦିରେ ଭାଗ ନେଇଥିଲେ। ବ୍ଲକ କ୍ରୀଡ଼ା ସଂଘ ସମ୍ପାଦକ ବ୍ୟାସଦେବ ବେବର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅରୁଣ ବିଶ୍ୱାଳ, ଦିଲୀପ କୁମାର ସାହୁ, ଝାନସୀରାଣୀ ଦାସ, ସରସ୍ୱତୀଙ୍କ ସମେତ ଯୋଗଦେଇଥିବା ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଏଥିରେ ସହଯୋଗ କରିଥିଲେ। ଶେଷରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

## ୨୯ରୁ ଜାତୀୟ ଚିତ୍ରାଙ୍କନ ପ୍ରତିଯୋଗିତା

**କେନ୍ଦ୍ରାପଡା ଅଫିସ,୧୯।୯-** ରାଜ୍ୟ ଓ ଜିଲା ଶିଶୁ ମଙ୍ଗଳ ପରିଷଦ ପକ୍ଷରୁ ଜାତୀୟ ଚିତ୍ରାଙ୍କନ ପ୍ରତିଯୋଗିତା ସେପ୍ଟେମ୍ବର ୨୯ରେ ଅନୁଷ୍ଠିତ ହେବ । ସେଦିନ ପୂର୍ବାହ୍ନ ୧୦ଟାରୁ ଏହି ପ୍ରତିଯୋଗିତା ଆରମ୍ଭ ହେବାକୁ ଥିବା ବେଳେ ପୂର୍ବାହ୍ନ ୯ଟାରୁ ପଞ୍ଜିକରଣ ହେବ । ଏନେଇ ପ୍ରତ୍ୟେକ ପ୍ରତିଯୋଗୀଙ୍କୁ ନିଜର ଆଧାରକାର୍ଡ, ଜନ୍ମପ୍ରମାଣ ପତ୍ର, ଭିନ୍ନକ୍ଷମ ପ୍ରମାଣ ପତ୍ର ଓ ମୋବାଇଲ ନମ୍ବର ଦେବାକୁ ପଡ଼ିବ ବୋଲି ଜିଲା ପ୍ରଶାସନ ପକ୍ଷରୁ ବୁଧବାର ସୂଚନା ଦିଆଯାଇଛି।

## ନୂତନ ଛାତ୍ରୀଛାତ୍ରଙ୍କ ସ୍ୱାଗତ ସମ୍ବର୍ଦ୍ଧନା

**ଡେରାବିଶ,୧୯।୯ (ସ୍ୱ.ପ୍ର.)-** ଡେରାବିଶ ବ୍ଲକ ଅଧୀନ ହୃଦୟାନନ୍ଦ ନାୟକ ସ୍ମାରକୀ ମହାବିଦ୍ୟାଳୟ ସଭାକକ୍ଷରେ ଶିକ୍ଷା ବିଭାଗର ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ଶିକ୍ଷା ବିଭାଗ ମୁଖ୍ୟ ଡା. ରାମଚନ୍ଦ୍ର ମହାପାତ୍ର ସଭାପତିତ୍ୱ କରିଥିଲେ। ସଭାରେ ପୂର୍ବତନ ପ୍ରାଧାପକ ଡ. ପ୍ରକାଶ କୁମାର ପରିଡ଼ା ମୁଖ୍ୟଅତିଥି ଓ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧାପକ ଡ. ପ୍ରଭାକର ମଲ୍ଲିକ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ସେହିପରି ମହାବିଦ୍ୟାଳୟ ଅଧ୍ୟକ୍ଷ ମଦନମୋହନ ଜେନା, ବରିଷ୍ଠ ଅଧାପକ ଅବନୀରଞ୍ଜନ ନାୟକ ଓ ପ୍ରାଧାପକ ଡ. ଲକ୍ଷ୍ମଣ କୁମାର ଦାଶ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଇତ୍ୟବସରରେ ଯୁକ୍ତ ୩ ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କୁ ଫୁଲତୋଡ଼ା ଦିଆଯାଇ ସ୍ୱାଗତ କରାଯାଇଥିଲା। ଏତଦ୍ବ୍ୟତୀତ 'ସ୍ୱଚ୍ଛ ଭାରତରେ ଛାତ୍ରୀଛାତ୍ରଙ୍କ ଭୂମିକା' ଶୀର୍ଷକରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଛାତ୍ରୀ ମୋନାଲିସା ନାୟକ, ଅର୍ଚ୍ଚନା ନାୟକ, ଗୀତିକା ସାହୁ, ଈପ୍ସିତା ନାୟକ, ପ୍ରଜ୍ଞା ପରମିତା ମହାନ୍ତି, ଦୀପ୍ତି ପରିଡ଼ା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଶେଷରେ ଅଧାପିକା ସୁକନ୍ୟା ମହାନ୍ତି ଧନ୍ୟବାଦ ପ୍ରଦାନ କରିଥିଲେ।

## ସଫା ହେଉନି ଗ୍ରାମ ପୋଖରୀ: ବଢୁଛି ଡେଙ୍ଗୁ, ମ୍ୟାଲେରିଆ

**ପାଟକୁରା ୧୯।୯ (ଡି.ଏନ୍.ଏ.)**



ଗରଦପୁର ବ୍ଲକ ଅଧୀନ ବେଡ଼ାରୀ ପଞ୍ଚାୟତ ବେଡ଼ାରୀ ଗ୍ରାମରେ ଥିବା ପୋଖରୀଗୁଡ଼ିକ ଦଳଭର୍ତ୍ତି ହୋଇଛି। ଦୀର୍ଘବର୍ଷ ଧରି ପୋଖରୀଗୁଡ଼ିକୁ ସଫା କରାଯାଉ ନ ଥିବାରୁ ଏହା ମଶା ଓ ସରୀସୃପଙ୍କ ଆଶ୍ରୟସ୍ଥଳୀ ପାଲଟିଛି। ଫଳରେ ଗ୍ରାମରେ ମ୍ୟାଲେରିଆ ଓ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ବଢୁଛି। ୨ ବର୍ଷ ପୂର୍ବେ ଗ୍ରାମର ୧୩ ଜଣ ଲୋକ ଡେଙ୍ଗୁ ଜ୍ୱରରେ ପୀଡ଼ିତ ହୋଇ କଟକ ମେଡ଼ିକାଲରେ ଚିକିତ୍ସିତ ହୋଇଥିଲେ। ଏହାପରେ ବି ପୋଖରୀଗୁଡ଼ିକୁ ସଫା କରାଯାଉ ନାହିଁ। ବେଡ଼ାରୀ ଗ୍ରାମର ବାରିକ ପୋଖରୀ, ମଳିକ ସାହି ପୋଖରୀ, ଭୂୟାଁ ପୋଖରୀ, କଚେରି ପୋଖରୀ, ମଲ୍ଲସାହି ପୋଖରୀ, ମଠ ପୋଖରୀ ଓ ବାଉରିବାଟ ପୋଖରୀ, ବଣିଆସାହି ପୋଖରୀ ଦଳ ଭର୍ତ୍ତି ହୋଇଛି। ତେବେ ଏହି ପୋଖରୀଗୁଡ଼ିକ ସଫା କରିବା ପାଇଁ ଗ୍ରାମର ନରେଶ ସାହୁ, ଅଶୋକ ସାହୁ, ବାବାଜି ବେହେରା, ଯଦୁମଣି ବେହେରା, ଶରତ ମିଶ୍ର, ପ୍ରଭାସ ଜେନା, ପ୍ରିୟବ୍ରତ ପଟ୍ଟନାୟକ ପ୍ରମୁଖ ବ୍ଲକ ପ୍ରଶାସନ ନିକଟରେ ଦାବି କରିଛନ୍ତି।

## କୁନ୍ତଳା କୁମାରୀ ସାବତଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

**କେନ୍ଦ୍ରାପଡା ଅଫିସ, ୧୯।୯**

ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଉତ୍କଳ ଭାରତୀ ଡା. କୁନ୍ତଳା କୁମାରୀ ସାବତଙ୍କ ପ୍ରତିମୂର୍ତ୍ତି ସହରର କଜଳାଠାରେ ଗୁରୁବାର ଉନ୍ମୋଚିତ ହୋଇଯାଇଛି। ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଏହାକୁ ଉନ୍ମୋଚନ କରିଛନ୍ତି। ଏହି ଉପଲକ୍ଷେ ଶିକ୍ଷାବିତ୍ ହେମନ୍ତ କୁମାର ଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ କେନ୍ଦ୍ରାପଡ଼ା ବିଧାୟକ ଶଶିଭୂଷଣ ବେହେରା, ଜିଲା ପରିଷଦ ସଭାପତି ମାନସ କୁମାର ପରିଡ଼ା, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ, ଯୁଗ୍ମ ଶାସନ ସଚିବ ସଂଘମିତ୍ରା ଶତପଥୀ, ବ୍ଲକ ଅଧ୍ୟକ୍ଷ ଅନାମବନ୍ଧୁ ଧଳ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କେନ୍ଦ୍ରାପଡା ସହିତ ଡ. ସାବତଙ୍କ ସମ୍ପର୍କ ବିଷୟରେ ଅତିଥିମାନେ ଆଲୋକପାତ କରିଥିଲେ। ସେମାନେ ଦର୍ଶାଇଥିଲେ ଯେ, ଡ. ସାବତଙ୍କ ଜନ୍ମ ରାଜ୍ୟ ବାହାରେ ହୋଇଥିଲେ ମଧ୍ୟ ସେ କେନ୍ଦ୍ରାପଡ଼ାରେ ରହି ସାହିତ୍ୟ ରଚନାକୁ ପ୍ରାଧାନ୍ୟ ଦେଇଥିଲେ। ଏହି ଅବସରରେ ଉତ୍କଳ ଭାରତୀ ସ୍ମୃତି କମିଟିର ନକୁଳ ଚରଣ ଦାସ, ପଣ୍ଡିତ ହୃଷୀକେଶ ରଥ, ମୂର୍ତ୍ତି ନିର୍ମାତା ନରହରି ବେହେରା, ପ୍ରଦୀପ କୁମାର ନାୟକ, ନରହରି ପାଣି, ବିମଳ ପ୍ରସାଦ ପରିଡା, ଦେବସ୍ମିତା ପରିଡାଙ୍କୁ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସମ୍ମାନିତ କରାଯାଇଥିଲା। ଉତ୍ସବରେ ଶିକ୍ଷାବିତ୍ ନନ୍ଦକିଶୋର ପରିଡା, ସ୍ମୃତି କମିଟି ସଭାପତି କୁଞ୍ଜବିହାରୀ ପରିଡ଼ା, ଯୁବ ବିଜେଡି ସଭାପତି ରାଜେଶ ପଣ୍ଡା, ପ୍ରଦୀପ୍ତ କୁମାର ମହାନ୍ତି, ଦେବଦାସ ମହାନ୍ତି ପ୍ରମୁଖ ସାମିଲ ହୋଇଥିଲେ।


ଉତ୍ସବରେ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଓ ଅନ୍ୟମାନେ।

**ନାବାଳିକା ଗର୍ଭବତୀ ମାମଲା**

## ପୀଡିତାଙ୍କୁ ମିଳୁନାହିଁ ସରକାରୀ ପ୍ରୋତ୍ସାହନ

**କେନ୍ଦ୍ରାପଡା ଅଫିସ,୧୯।୯**

ସଦର ଥାନା ଅଞ୍ଚଳର ଜୈନିକ ମାନସିକ ଭିନ୍ନକ୍ଷମ ନାବାଳିକାଙ୍କୁ ଗର୍ଭବତୀ କରାଇବା ଘଟଣାରେ ପୀଡିତାଙ୍କୁ ସରକାରୀ ପ୍ରୋତ୍ସାହନ ମିଳୁନାହିଁ। ଏନେଇ ସାମାଜିକ କର୍ମୀ ପ୍ରତାପଚନ୍ଦ୍ର ମହାନ୍ତି ବୁଧବାର ସ୍ୱର ଉଠାଇଛନ୍ତି। ସେ ଗଣମାଧମକୁ ସୂଚନା ଦେଇ କହିଛନ୍ତି, ଏନେଇ ସଦର ଥାନାରେ ପୂର୍ବରୁ ମାମଲା (ନଂ.୨୫୦/୧୯)ରୁଜୁ ହୋଇଥିବା ବେଳେ ଅଦ୍ୟାବଧି ଅଭିଯୁକ୍ତଙ୍କୁ ଗିରଫ କରାଯାଇ ନାହିଁ। ଅପରପକ୍ଷେ ପୀଡିତାଙ୍କ ଯତ୍ନ ପାଇଁ ସରକାରଙ୍କ ପକ୍ଷରୁ କୌଣସି ବ୍ୟବସ୍ଥା କରାଯାଇନାହିଁ। କୌଣସି ଜିଲା ଅଥବା ବ୍ଲକ ପ୍ରଶାସନିକ ଅଧିକାରୀ ସମ୍ପୃକ୍ତ ନାବାଳିକାଙ୍କୁ ଭେଟି ନ ଥିବାରୁ ସେ କ୍ଷୋଭ ପ୍ରକାଶ କରିଛନ୍ତି।

## ସ୍କୁଲ ପିଲାଙ୍କୁ ପଢ଼ାଇଲେ ଜିଲାପାଳ

**ରାଜନଗର, ୧୯।୯ (ଡି.ଏନ୍.ଏ.)**

କେନ୍ଦ୍ରାପଡ଼ା ଜିଲାପାଳ ସମର୍ଥ ବର୍ମା ଗୁରୁବାର ରାଜନଗର ବ୍ଲକ ଗସ୍ତ କରିଥିଲେ। ଏହି ଅବସରରେ ସେ ଓସ୍ତିଆ ପଞ୍ଚାୟତ ନଗଡ ଗ୍ରାମର ସୁଶାନ୍ତ କୁମାର ଜେନା, ବାଲିକଣା ଗାଁର ବାମଦେବ ଖିଲାର, ବନ୍ଧପାଟଣା ଗାଁର ଜଗବନ୍ଧୁ ସେଠୀଙ୍କ ପ୍ରଧାନମନ୍ତ୍ରୀ ଆବାସ ଘରର ଶୁଭ ଦେଇଥିଲେ। ଏହାପରେ ଜିଲାପାଳ ସ୍ଥାନୀୟ ବନ୍ଧପାଟଣା ପ୍ରାଥମିକ ବିଦ୍ୟାଳୟକୁ ଯାଇ ପିଲାମାନଙ୍କୁ ବିଭିନ୍ନ ପ୍ରଶ୍ନ ପଚାରିବା ସହ ପାଠ ପଢ଼ାଇଥିଲେ। ଜିଲାପାଳଙ୍କ ପ୍ରଶ୍ନର ପ୍ରଥମେ ଉତ୍ତର ଦେଇଥିବା ୫ମ ଶ୍ରେଣୀ ଛାତ୍ରୀ ତୁଳସୀ ସେଠୀଙ୍କୁ ଏକ କଲମ ଉପହାର ଦେଇଥିଲେ। ତେବେ ସ୍କୁଲର ଶ୍ରେଣୀଗୃହ ଅଭାବ ଓ ଚତୁଃପାର୍ଶ୍ୱରେ ପାଚେରି ନିର୍ମାଣ ପାଇଁ ତୁରନ୍ତ ବ୍ୟବସ୍ଥା କରାଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଛନ୍ତି। ଏହାପରେ ଜିଲାପାଳ ଜଗନ୍ନାଥପୁର ଶାସନ ଶିକ୍ଷାନିକେତନର ପରିବେଶ ବୁଲି ଦେଖିଥିଲେ। ଏହି ଅବସରରେ ବନ୍ଧପାଟଣାଠାରେ ଦୀର୍ଘ ୩ବର୍ଷ ହେବ ନିର୍ମାଣ ସରିଥିବା ସେତୁର ଆପ୍ରୋଚ ରାସ୍ତା ନିର୍ମାଣ ପାଇଁ ଗ୍ରାମବାସୀ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାପରେ ସେ କେରଡାଗଡସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରରେ ଠାକୁରଙ୍କ ଦର୍ଶନ କରିଥିଲେ। ସେହିପରି ପଦିନୀଠାରେ ନିଗମାନନ୍ଦ ଛତୁ ଉତ୍ପାଦନ କରୁଥିବା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାଙ୍କୁ ଭେଟି ଛତୁଚାଷ ଓ ବିକ୍ରୟ ସମ୍ପର୍କରେ ପଚାରି ବୁଝିଥିଲେ। ଜିଲାପାଳଙ୍କ ଗସ୍ତ ସମୟରେ ସ୍ଥାନୀୟ ବିଡିଓ ମନ୍ଦରଧର ମହାଲିକ, ତହସିଲଦାର ଦିବ୍ୟେନ୍ଦୁ ଶେଖର ଦାସ, ବ୍ଲକର ସହକାରୀ ନିର୍ବାହୀଯନ୍ତ୍ରୀ ଜଳଧର ବେହେରା, ବ୍ଲକ ଶିକ୍ଷାଧିକାରୀ ରାଜକିଶୋର ସ୍ୱାଇଁ, ଜିଲା ପରିଷଦ ସଭ୍ୟ ରବୀନ୍ଦ୍ର କୁମାର ସେଠୀ, ସମିତିସଭ୍ୟ ପାରେଶ୍ୱର ନାୟକ, ସରପଞ୍ଚ କେଦାରନାଥ ସାହୁ, ରାଜପୁର ସରପଞ୍ଚ ନିମାଇଁ ଚରଣ ରାଉତ, ଓଡ଼ିଶା ଜୀବିକା ମିଶନ ସଂଯୋଜକ ରଶ୍ମିରଂଜନ ଦାସ ପ୍ରମୁଖ ସାମିଲ ଥିଲେ।

## ବିଜ୍ଞାନ ମେଳାରେ ୫୨ ପ୍ରକଳ୍ପ ପ୍ରଦର୍ଶିତ

**ରାଜନଗର,୧୯।୯(ଡି.ଏନ୍.ଏ.)**

ରାଜନଗର, ୧୯।୯ (ଡି.ଏନ୍.ଏ.): ରାଜନଗର ବ୍ଲକସ୍ଥିତ ଶୈଳେନ୍ଦ୍ର ନାରାୟଣ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଛାତ୍ରୀଛାତ୍ରମାନେ ୫୨ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ପ୍ରଧାନଶିକ୍ଷକ ସୁବାସ ଚନ୍ଦ୍ର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ମେଳାରେ ଶ୍ରୀଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବିଭାଗ ଅଧାପିକା ରାଜଶ୍ରୀ ସାମନ୍ତ ମୁଖ୍ୟଅତିଥି, ପ୍ରାଣୀ ବିଜ୍ଞାନ ବିଭାଗ ବରିଷ୍ଠ ଅଧାପିକା ଅନସୂୟା ବେହେରା ମୁଖ୍ୟବକ୍ତା ଏବଂ ଜଗନ୍ନାଥ ଦାସ, ମଞ୍ଜୁଲତା ସେଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

## ସ୍କୁଲ ପଡ଼ିଆରେ ଚାରା ରୋପଣ


ମହାବୀର ଯୁବକ ସଂଘ ସଦସ୍ୟମାନେ ଚାରାରୋପଣ କରୁଛନ୍ତି।

**ଆଳି,୧୯।୯(ଡି.ଏନ୍.ଏ.)**

ଆଳି ବ୍ଲକ ଦେମାଳ ପଞ୍ଚାୟତ ମୂଳସାହିସ୍ଥିତ ମହାବୀର ଯୁବକ ସଂଘ ପକ୍ଷରୁ ସ୍ଥାନୀୟ ଶରତ କୁମାର ଦେବ ହାଇସ୍କୁଲ ପଡ଼ିଆରେ ମଙ୍ଗଳବାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସଂଘ ସଦସ୍ୟମାନେ ସ୍କୁଲ ପଡ଼ିଆରେ ନିମ, ଆକାଶୀ, ଅର୍ଜୁନ, କରଞ୍ଜ, ଜାମୁ ଆଦି ଚାରା ରୋପଣ କରିଥିଲେ। ସଂଘ ସଭାପତି ସୁଧୀର ରାଉତ ଓ ସମ୍ପାଦକ ସଂଗ୍ରାମ ସାମଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ସର୍ବେଶ୍ୱର ବେହେରା, ବାସୁଦେବ ପାତ୍ର, ବଳରାମ ସାମଲ, ସନ୍ତୋଷ ବେହେରା, ପ୍ରତାପ ସାମଲ, ସୌଭାଗ୍ୟ ରାଉତ, ଅନିଲ ରାଉତ, ସୌମ୍ୟରଞ୍ଜନ ବେହେରା, ଟିକୁନା ବେହେରା, ଦୀପକ ପାତ୍ର, ଅଜୟ ବେହେରା, ମିଲୁ ବେହେରା ଓ ଶିବୁ ସେନାପତି ପ୍ରମୁଖ ସହଯୋଗ କରିଥିଲେ।

## ପୂର୍ତ୍ତ ବିଭାଗ ପକ୍ଷରୁ ସ୍ୱଚ୍ଛତା ହିଁ ସେବା ଅଭିଯାନ

**ରାଜନଗର,୧୯।୯(ଡି.ଏନ୍.ଏ.)-** ରାଜନଗର ପୂର୍ତ୍ତବିଭାଗ ପକ୍ଷରୁ ଗୁରୁବାର ସ୍ୱଚ୍ଛତା ହିଁ ସେବା ଅଭିଯାନ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ପୂର୍ତ୍ତ ବିଭାଗ ପକ୍ଷରୁ ରାଜନଗର ବଜାର ଓ ଗାଁକୁ ସଫେଇ କରାଯାଇଥିଲା। ଏହି ଅବସରରେ ବର୍ଜ୍ୟ ପ୍ଲାଷ୍ଟିକ ସଂଗ୍ରହ ଓ ପୁନଃ ବିନିଯୋଗ ସମ୍ପର୍କରେ ରାଜନଗରବାସୀଙ୍କୁ ସଚେତନ କରାଯାଇଥିଲା। ରାଜନଗର ହଂସୁଆ ସେତୁ ନିକଟରୁ ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରଶାନ୍ତ କୁମାର ଦାସଙ୍କ ନେତୃତ୍ୱରେ ସମସ୍ତ ଯନ୍ତ୍ରୀ ଓ କର୍ମଚାରୀମାନେ ରାଜନଗର ବଜାର ଓ ଗାଁରେ ପଡ଼ିଥିବା ସମସ୍ତ ପ୍ଲାଷ୍ଟିକ ଓ ପଲିଥିନକୁ ଗୋଟାଇଥିଲେ। କାର୍ଯ୍ୟକ୍ରମରେ କନିଷ୍ଠଯନ୍ତ୍ରୀ ବିଶ୍ୱରଞ୍ଜନ ସ୍ୱାଇଁ, ଦେବାଶିଷ ସାମଲ, ପୂର୍ତ୍ତବିଭାଗ କର୍ମଚାରୀ ବସନ୍ତ କୁମାର ବଳ, ଶଶୀଭୂଷଣ ରାଉତ, କୈଳାସ ପ୍ରଧାନ, ହେମନ୍ତ ବିଶ୍ୱାଳ, ଜ୍ଞାନରଞ୍ଜନ ଜେନା, କୃତିବାସ ପ୍ରଧାନ, ଅଭୟ କୁମାର ନାୟକ, ଫକୀର ରାଉତ ପ୍ରମୁଖ ସାମିଲ ହୋଇଥିଲେ।

## ବିଧାୟକଙ୍କ ଦ୍ୱାରା ଆବାସ ଯୋଜନା ଗୃହ ଶିଳାନ୍ୟାସ


ବିଧାୟକ ଧ୍ରୁବ ସାହୁ ଗୃହ ଶିଳାନ୍ୟାସ କରୁଛନ୍ତି।

**ରାଜନଗର,୧୯।୯(ଡି.ଏନ୍.ଏ.)–** ରାଜନଗର ବ୍ଲକର କୋଇଲିପୁର ପଞ୍ଚାୟତର କୋଲଇପୁର, କାଙ୍କଦିଆ ଓ ଗାଁକାଲୁପଡା ଗ୍ରାମରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟାଦେଶ ପାଇଥିବା ହିତାଧିକାରୀଙ୍କ ଗୃହ ନିର୍ମାଣ କାର୍ଯ୍ୟ ଶିଳାନ୍ୟାସ କରିଛନ୍ତି ସ୍ଥାନୀୟ ବିଧାୟକ ଧ୍ରୁବଚରଣ ସାହୁ। ଏ ନେଇ କୋଇଲିପୁର ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ରଶ୍ମିତା ପ୍ରତିହାରୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୧୦୫ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ଏଥିସହ ଫନୀ କ୍ଷତିଗ୍ରସ୍ତ ୫୦ ପରିବା ଚାଷୀଙ୍କୁ ବିହନ ପୁଡ଼ିଆ ପ୍ରଦାନ କରାଯାଇଥିଲା। ଏଥିରେ ଏମ୍ପିଙ୍କ ପ୍ରତିନିଧି ଅଶୋକ କୁମାର ପ୍ରତିହାରୀ, ବିଡିଓ ମନ୍ଦରଧର ମହାଲିକ, କନିଷ୍ଠଯନ୍ତ୍ରୀ ଦେବ ରଞ୍ଜନ ବେହେରା, ଉଦ୍ୟାନ କୃଷି ଅଧିକାରିଣୀ ଟୁଇଁକିଲ ଜେନା, ପଞ୍ଚାୟତ ନିର୍ବାହୀ ଅଧିକାରୀ ବିବେକାନନ୍ଦ ମଲ୍ଲିକ, ଜିଆରଏସ୍ ପ୍ରମୋଦ ସାହୁ, ଉଦ୍ୟାନ ବିଭାଗ ବିଜ୍ଞାନ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଧରଣୀଧର ଜେନା, ପ୍ରସନ୍ନ ବେହେରା, ଅନ୍ତର୍ଯ୍ୟାମୀ ପ୍ରଧାନ, ପ୍ରାଣକୃଷ୍ଣ ରାଉତ, ସୁବ୍ରତ ପ୍ରତିହାରୀ, ହେମନ୍ତ ପ୍ରଧାନ, ପ୍ରଣତ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପାର୍ବଣ ଋତୁରେ ବଢୁଛି ପ୍ରଦୂଷଣ

■ ରାସାୟନିକ ଦ୍ରବ୍ୟରେ ଗଢ଼ା ହେଉଛି ମୂର୍ତ୍ତି
■ ମୂର୍ତ୍ତି ବିସର୍ଜନ ପରେ ପ୍ରଦୂଷିତ ହେଉଛି ଜଳ
■ ମୃତ୍ୟୁମୁଖରେ ପଡୁଛନ୍ତି ଜଳଚର ଜୀବ

**କେନ୍ଦ୍ରାପଡ଼ା ଅଫିସ୍, ୧୯।୯**

ଗଣେଶ ପୂଜାଠାରୁ ଆରମ୍ଭ ହୋଇଛି ପାର୍ବଣ ଋତୁ। ଏହି ପୂଜା ପାର୍ବଣରେ ଡିଜେ ସାଉଣ୍ଡ ଶବ୍ଦ ପ୍ରଦୂଷିତ କରୁଥିବା ବେଳେ ମୂର୍ତ୍ତି ନିର୍ମାଣରେ ବ୍ୟବହୃତ ରାସାୟନିକ ରଙ୍ଗ, ପ୍ଲାଷ୍ଟିକ ବ୍ୟବହାର, ଭସାଣି ଶୋଭାଯାତ୍ରାରେ ଆତସବାଜି ଆଦି ପରିବେଶ ଓ ଜନଜୀବନକୁ ପ୍ରଭାବିତ କରୁଛି। ପରିବେଶ ଅନୁକୂଳ ମୂର୍ତ୍ତି ଗଠନ ପାଇଁ କେନ୍ଦ୍ରାପଡା ଜିଲା ଜନ ସୁରକ୍ଷା ମଞ୍ଚ ସଭାପତି ଗଣେଶ ଚନ୍ଦ୍ର ସାମଲ ଗୁରୁବାର ଉପଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସେ ଦର୍ଶାଇଛନ୍ତି ଯେ, ଏବେ ପାର୍ବଣ ଋତୁ ଚାଲିଛି। ହିନ୍ଦୁ ସଂସ୍କୃତି ଅନୁଯାୟୀ, ଦେବଦେବୀଙ୍କ ମୃଣ୍ମୟୀ ମୂର୍ତ୍ତି ସ୍ଥାପନ କରାଯାଇ ପୂଜାର୍ଚ୍ଚନା କରାଯିବ। ତେବେ ଏହି ପ୍ରତିମାରେ ପ୍ଲାଷ୍ଟର ଅଫ୍ ପ୍ୟାରିସ ଓ କେତେକ ରାସାୟନିକ ଦ୍ରବ୍ୟ ମିଶ୍ରିତ ରଙ୍ଗ ଦିଆଯାଉ ଥିବାରୁ ମୂର୍ତ୍ତି ବିସର୍ଜନ କରାଯିବା ପରେ ଜଳ ପ୍ରଦୂଷିତ ହେଉଛି। ସେହିପରି ପାର୍ବଣ ସମୟରେ ପ୍ଲାଷ୍ଟିକ ସାମଗ୍ରୀ ଓ ଡିଜେ ସାଉଣ୍ଡକୁ ସମ୍ପୂର୍ଣ୍ଣ ବନ୍ଦ ପାଇଁ ପ୍ରଶାସନିକ କଟକଣାର ଆବଶ୍ୟକତା ଅଛି। ପରିବେଶବିତ୍ ବିରଜା ରାଉତରାୟ କୁହନ୍ତି ଯେ, ମୂର୍ତ୍ତି କାରିଗରମାନେ ପ୍ଲାଷ୍ଟର ଅଫ ପ୍ୟାରିସ, କାଡ୍ମିୟମ, ଲିଡ୍, କପର, ଜିଙ୍କ, ପାରଦ, କ୍ରୋମିୟମ ଆଦି ରାସାୟନିକ ଦ୍ରବ୍ୟ ମୂର୍ତ୍ତି ନିର୍ମାଣରେ ବ୍ୟବହାର କରୁଛନ୍ତି। ମୂର୍ତ୍ତି ବିସର୍ଜନ ପରେ ଏହି ପଦାର୍ଥ ଜଳରେ ମିଳାଇ ନ ଯାଇ ଅଧିକ ସମୟ ରହି ନିଜର ଅପଗୁଣ ପ୍ରକାଶ କରିଥାଏ। ଫଳରେ ଏହାର ସଂସ୍ପର୍ଶରେ ଆସି ଜଳଚର ଜୀବ ମୃତ୍ୟୁମୁଖରେ ପଡ଼ନ୍ତି। ପରିବେଶବିତ୍ ହେମନ୍ତ କୁମାର ରାଉତ କୁହନ୍ତି ଯେ, ସାମ୍ପ୍ରତିକ ସମୟରେ ପର୍ବପର୍ବାଣୀ ପାଳନରେ ପ୍ରତିଦ୍ୱନ୍ଦ୍ୱିତା ବଢୁଛି। ପୂଜା ସମୟରେ ଆଲୋକ ସାଜସଜ୍ଜା, ଟ୍ରାଫିକ ସମସ୍ୟା, ଭସାଣି ସମୟରେ ଡିଜେର ପ୍ରଭାବ ସାଧାରଣ ଜନଜୀବନକୁ ବ୍ୟତିବ୍ୟସ୍ତ କରୁଛି। ସେହିପରି ପୂଜା ସରିବା ପରେ ବର୍ଜ୍ୟବସ୍ତୁ ପ୍ରତି ପୂଜା କମିଟି ସଦସ୍ୟ ନଜର ଦେଉନାହାନ୍ତି। ମୂର୍ତ୍ତି ନିର୍ମାଣ ସମ୍ପର୍କରେ ପଣ୍ଡିତ ହୃଷୀକେଶ ରଥ କୁହନ୍ତି ଯେ, ପୁରାଣ ଓ ବ୍ରତ କଥାରେ ମୂର୍ତ୍ତି ନିର୍ମାଣ ପାଇଁ ବିଧି ବ୍ୟବସ୍ଥା ଅଛି। ଏହି ମୂର୍ତ୍ତି ସାଧାରଣତଃ ସୁନା, ରୁପା, ପିତ୍ତଳ, ପଥର ଓ ମାଟିରେ ତିଆରି ହୁଏ। ତେବେ ମାଟି ମୂର୍ତ୍ତିକୁ ବିସର୍ଜନ ବ୍ୟବସ୍ଥା ଅଛି। ପୁରାତନ କାଳରେ ମୂର୍ତ୍ତିରେ ରଙ୍ଗ ଦେବା ପାଇଁ ପୋଇ ମଞ୍ଜିରୁ ଲାଲରଙ୍ଗ, ଖଣ୍ଡ ହଳଦୀରୁ ହଳଦୀ, କାଜଳକୁ କଳା ରଙ୍ଗ ଭାବେ ବ୍ୟବହାର କରାଯାଉଥିଲା। ମାତ୍ର ସଂପ୍ରତି ଆଧୁନିକତା, ଶୀଘ୍ର ଓ ସୁନ୍ଦର ପାଇଁ ବିଭିନ୍ନ ରାସାୟନିକ ଦ୍ରବ୍ୟର ମିଶ୍ରଣରେ ମୂର୍ତ୍ତି ଗଠନ ହେଉଛି। ଯାହା ପରିବେଶ ପ୍ରଦୂଷଣର କାରଣ ସାଜିଛି। ମୂର୍ତ୍ତି ଗଠନ ସମ୍ପର୍କରେ କାରିଗର କୈଳାସ ମହାରଣା କୁହନ୍ତି, ସମସ୍ତେ ଚାହାନ୍ତି ସ୍ୱଳ୍ପ ସମୟ, ଅଳ୍ପ ଧନ ବ୍ୟୟରେ ସୁନ୍ଦର ମୂର୍ତ୍ତି ନେବା ପାଇଁ। ବାଧ୍ୟ ହୋଇ ଛୋଟ ମୂର୍ତ୍ତିକୁ ପ୍ଲାଷ୍ଟର ଅଫ ପ୍ୟାରିସରେ ଗଢ଼ି ରଙ୍ଗ ଦେଉଛୁ। ତେବେ ବଡ଼ ମୂର୍ତ୍ତି କ୍ଷେତ୍ରରେ ମାଟି ଓ ନଡ଼ାକୁ ପ୍ରାଧାନ୍ୟ ଦେଉଛୁ। ମୂର୍ତ୍ତି ରଙ୍ଗ କରିବା ପାଇଁ ଜୈବିକ ରଙ୍ଗ ବ୍ୟବହାର କରିବା ସହ ପରିବେଶ ଅନୁକୂଳ ଓ ଜଳଚର ଜୀବଙ୍କ ଖାଦ୍ୟ ବ୍ୟବହାର କରି ମୂର୍ତ୍ତି ଗଠନ ପାଇଁ ପରିବେଶବିତ୍ ଆଶିଷ ସେନାପତି ପରାମର୍ଶ ଦେଇଛନ୍ତି। ଛୋଟ ମୂର୍ତ୍ତି ପାଇଁ ପ୍ଲାଷ୍ଟର ଅଫ ପାରିସ ବଦଳରେ ମଇଦା, ଅଟା, ମକା, ବାଜରା ଓ ଅନ୍ୟାନ୍ୟ ଖାଦ୍ୟ ପଦାର୍ଥକୁ ନେଇ ମୂର୍ତ୍ତି ନିର୍ମାଣ କରାଯାଇପାରିବ। ସେହିପରି ହଳଦୀ, ଚନ୍ଦନ, କାଜଲ, ଗେରୁ ରଙ୍ଗ, ଫୁଲ ପତ୍ର ମାଧ୍ୟମରେ ମୂର୍ତ୍ତିର ସୌନ୍ଦର୍ଯ୍ୟ ଅଣାଯାଇପାରିବ। ଫଳରେ ମୂର୍ତ୍ତି ବିସର୍ଜନ ପରେ ଜଳଚର ଜୀବ ଏହାକୁ ଖାଦ୍ୟ ରୂପେ ଗ୍ରହଣ କରିପାରିବେ। ଏ ସମ୍ପର୍କରେ ଜନ ସମାଜ ସଚେତନ ନ ହେଲେ ଜଳ ପ୍ରଦୂଷଣ ପାଇଁ ଆଗାମୀ ଦିନରେ ମନୁଷ୍ୟ ଓ ଜୀବଜନ୍ତୁ ବଞ୍ଚିବା ଅସମ୍ଭବ ହୋଇ ପଡ଼ିବ ବୋଲି ସେ ଚେତାଇ ଦେଇଛନ୍ତି ।



ଭଲ ବହି ପଢ଼ି ଭଲ କାମ କଲେ ଖରାପ ଲୋକଟି ମଧ ଧୀରେ ଧୀରେ ଭଲ ହୋଇଯାଏ ।
- ଆରିଷ୍ଟଟଲ



## ସଂକ୍ଷେପରେ

### ୬୫ତମ ଜିଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ

**ଧର୍ମଶାଳା/ ଜେନାପୁର, ୧୯।୯(ଡି.ଏନ୍.ଏ.):** ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅଧୀନ ଜେନାପୁର ନୋଡ଼ାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଗୁରୁବାର ୬୫ତମ ଜିଲାସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଚନ୍ଦ୍ର ଶେଖର ସ୍ୱାଇଁଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଜିଲା ଶିକ୍ଷାଧିକାରୀ କୃଷ୍ଣଚନ୍ଦ୍ର ନାୟକ,ମୁଖ୍ୟବକ୍ତା ଭାବେ ମଣ୍ଡଳ ଶିକ୍ଷାଅଧିକାରୀ ପ୍ରଫୁଲ୍ଲ କୁମାର ବେହେରା ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ସମାଜିକ କର୍ମୀ ପ୍ରଫୁଲ୍ଲ କୁମାର ଦାସ, ଥାନା ଅଧିକାରୀ ସୁଶାନ୍ତ କୁମାର ଦାସ, ସରପଞ୍ଚ କୃଷ୍ଣଚନ୍ଦ୍ର ପଟ୍ଟନାୟକ, ପୁରାତନ ଛାତ୍ର ସଂସଦର ସମ୍ପାଦକ ଅଶୋକ କୁମାର ସାହୁ, ଶିକ୍ଷାବିତ୍ ଅଜୟ କୁମାର ଦାସ, ଶାରୀରିକ ଶିକ୍ଷା ନିରୀକ୍ଷକ ରାଧାକୃଷ୍ଣ ବୋଷ ପ୍ରମୁଖ ଯୋଗଦେଇଥିଲେ। ଏହି ପ୍ରତିଯୋଗିତାରେ ୧୦ଟି ବ୍ଲକ୍‌ର ବିଭିନ୍ନ ବିଦ୍ୟାଳୟରୁ ୬୯୩ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଛନ୍ତି। ୩ଦିନ ଧରି ଆୟୋଜିତ ପ୍ରତିଯୋଗିରେ ଭଲ ପ୍ରଦର୍ଶନ କରିଥିବା ଛାତ୍ରୀଛାତ୍ର ରାଜ୍ୟସ୍ତରୀୟ କ୍ରୀଡ଼ାରେ ଭାଗ ନେଇପାରିବେ ବୋଲି ପ୍ରଧାନ ଶିକ୍ଷକ ସ୍ୱାଇଁ ସୂଚନା ଦେଇଛନ୍ତି। ଶିକ୍ଷକ ନିତ୍ୟାନନ୍ଦ ନାୟକ ସ୍ୱାଗତ ଓ ଅତିଥି ପରିଚୟ ଦେଇଥିଲେ । ଉକ୍ତ କ୍ରୀଡ଼ା ପରିଚାଳନାରେ ତ୍ରିଲୋଚନ ଜେନା, ସୁବାସ ଚନ୍ଦ୍ର ବାରିକ, ଗଣେଶ୍ୱର ବେହେରା, ପ୍ରଫୁଲ୍ଲ କୁମାର ମହାରଣା, ରାଜେଶ ସେଠୀ, ବିଚିତ୍ରା ନନ୍ଦ ରାଉତ, ଜୟ ପ୍ରକାଶ ତ୍ରିପାଠୀ, ଉମେଶ ବିଶ୍ୱାଳ, ରବିନାରାୟଣ ସାହୁ, ରବୀନ୍ଦ୍ର କୁମାର ମହାନ୍ତି, ଶଙ୍କର୍ଷଣ ବେହେରା, ନରୋତ୍ତମ ଶତପଥୀଙ୍କ ସହ ଅନ୍ୟମାନେ ସହଯୋଗ କରିଥିଲେ ।

### ଟ୍ରାଫିକ୍ ସଚେତନତା

**ସୁକିନ୍ଦା,୧୯।୯(ଡି.ଏନ୍.ଏ.):** ସୁକିନ୍ଦା ଥାନା ଅନ୍ତର୍ଗତ ମଙ୍ଗଳପୁର ପୋଲ ନିକଟରେ ଗୁରୁବାର ଥାନା ଅଧିକାରୀ ବିଚିତ୍ରା ନନ୍ଦ ସେଠୀ ଏବଂ ଏସ୍‌ଆଇ ଅନ୍ତର୍ଯାମୀ ଶ୍ରୀଚନ୍ଦନଙ୍କ ନେତୃତ୍ୱରେ ଏକ ଟ୍ରାଫିକ୍ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନିଶା ସେବନ କରି ଗାଡି ନ ଚଳାଇବା, ମୋବାଇଲ୍ ଫୋନ୍, ହେଲେମେଟ୍ ଏବଂ ସିଟ୍ ବେଲ୍ଟ ବ୍ୟବହାର ଉପରେ ଗାଡି ଚାଳକଙ୍କୁ ସଚେତନତା କରାଯାଇଛି।

### ଜଳିଗଲା ୩ ବଖରା

**ଧର୍ମଶାଳା,୧୯।୯(ଡି.ଏନ୍.ଏ.):** ଧର୍ମଶାଳା ତହସିଲ ଅନ୍ତର୍ଗତ ସଂପାରୁ ପଞ୍ଚାୟତ କାଦୁଆ ମାଗୁରା ଗ୍ରାମରେ ଗୁରୁବାର ସନ୍ଧ୍ୟାରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ସତ୍ୟରଞ୍ଜନ ନାୟକଙ୍କ ୩ ବଖରା ଘର ଜଳିଯିବା ସହ ସମସ୍ତ ଆସବାବପତ୍ର ଓ ଧାନ ଚାଉଳ ଜଳି ଯାଇଛି। ଖବର ପାଇ ଚଢ଼େଇଧରାସ୍ଥିତ ଧର୍ମଶାଳା ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ କରିଥିଲେ। ପ୍ରକାଶ ଯେ, ସନ୍ଧ୍ୟାବେଳେ ଘରେ ରୋଷେଇ ସମୟରେ କୌଣସି କାରଣ ବଶତଃ ଚୁଲିରୁ ନିଆଁ ଉଠି ଚାଳକୁ ଲାଗିଯାଇଥିଲା।

# ଚାଷୀ ପଞ୍ଜୀକରଣ ହ୍ରାସ ଉଦ୍‌ବେଗଜନକ

**ଯାଜପୁର ଅଫିସ,୧୯।୯**

**ଯାଜପୁର ଜିଲା**
- ଗତ ବର୍ଷ ଅପେକ୍ଷା ୯,୫୮୮ ହ୍ରାସ
- ନକଲି ଚାଷୀ ପ୍ରସ୍ତୁତ କରିବାରେ ଅଧିକାରୀଙ୍କ ଭୟ
- ସରକାରଙ୍କ ୫-ଟି ଆଇନକୁ ଭୟ

ଯାଜପୁର ଜିଲାରେ ଚଳିତ ୨୦୧୯-୨୦ ଖରିଫ ଚାଷ ଧାନ ସଂଗ୍ରହ ପାଇଁ ୧୨ତାରିଖ ସୁଦ୍ଧା ୨୪,୧୪୪ ଚାଷୀ ପଞ୍ଜୀକରଣ କରିଛନ୍ତି। ଋଣ ନେଇଥିବା ଜିଲାର ୧,୦୧,୦୩୦ ଚାଷୀଙ୍କ ମଧ୍ୟରୁ ଏହା ମାତ୍ର ୨୪ ପ୍ରତିଶତ। ଅନ୍ୟପକ୍ଷେ ୨୦୧୮-୧୯ ଖରିଫ ଚାଷ ଧାନ ସଂଗ୍ରହରେ ପଞ୍ଜୀକରଣ କରିଥିବା ଚାଷୀଙ୍କ ଅପେକ୍ଷା ଏଥର ୯,୫୮୮ ଜଣ କମ୍ ପଞ୍ଜୀକୃତ କରିଛନ୍ତି। ଚାଷୀ ପଞ୍ଜୀକରଣରେ ଜିଲାରେ ଏଭଳି ନୈରାଶ୍ୟଜନକ ପ୍ରଦର୍ଶନକୁ ନେଇ ରାଜ୍ୟ ସମବାୟ ସମିତିର ନିବନ୍ଧକ(ଆର୍‌ସିଏସ) ଉଦ୍‌ବେଗ ପ୍ରକାଶ କରିବା ସହିତ ସଂପୃକ୍ତ ଅଧିକାରୀଙ୍କୁ ଏଥିପାଇଁ ଦାୟୀ କରିଛନ୍ତି। ଉପଯୁକ୍ତ ଭାବେ ଚାଷୀ ପଞ୍ଜୀକରଣ ପର୍ଯ୍ୟବେକ୍ଷଣ ହୋଇନାହିଁ, ତେଣୁ ଯେପରି ସମସ୍ତ କୃଷି ଋଣ ନେଇଥିବା ଚାଷୀ ଧାନ ସଂଗ୍ରହରେ ପଞ୍ଜିକୃତ ହେବେ ସେଥିପ୍ରତି ସୁପରଭାଇଜିଂ ଅଫିସର, ପ୍ୟାକ୍ସ ସମ୍ପାଦକ ପ୍ରମୁଖ ଉତ୍ତରଦାୟୀ ହେବେ ବୋଲି ଆର୍‌ସିଏସ୍ ଚେତାବନୀ ଦେଇଛନ୍ତି। ମାର୍କଣ୍ଡପୁର, ମହିଶରା, ବ୍ରହ୍ମବରଦା, ବନ୍ଧାଳ, ରଖିଦେଇପୁର ପ୍ରଭୃତି ପ୍ୟାକ୍ସରେ ଦୁର୍ନୀତିର ପର୍ଦ୍ଦାଫାସ ଏବଂ ରାଜ୍ୟ ସରକାରଙ୍କ ୫-ଟି ଆଇନକୁ ଭୟ କରି ଚଳିତ ବର୍ଷ ନକଲି ଚାଷୀ ପଞ୍ଜିକରଣକୁ ସଂପୃକ୍ତ ଅଧିକାରୀ ଓ କର୍ମଚାରୀମାନେ ଭୟ କରୁଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ସନ୍ଦେହ କରାଯାଉଛି। ଏହାବାଦ ଜଳାଭାବ ଓ ପ୍ରଶାସନିକ ଅବହେଳା ଚାଷ ପ୍ରତି ଚାଷୀଙ୍କ ବିମୁଖତା ବଢୁଥିବା ମତପ୍ରକାଶ ପାଇଛି।

ଶିଳ୍ପବହୁଳ ଯାଜପୁର ଜିଲାରେ ୧,୪୫,୪୫୦ ହେକ୍ଟର ଚାଷ ଉପଯୋଗୀ ଜମି ମଧ୍ୟରୁ ଖରିଫ ଋତୁରେ ୬୬,୬୧୩ ହେକ୍ଟର ଓ ରବି ଋତୁରେ ୩୮,୭୦୦ ହେକ୍ଟର ଜମିରେ ଜଳସେଚନ ବ୍ୟବସ୍ଥା ରହିଥିବା ବିଭାଗ ପକ୍ଷରୁ କୁହାଯାଉଛି। ବାସ୍ତବପକ୍ଷେ ଏହାର ଅର୍ଦ୍ଧାଧିକ ଜମିରେ ମଧ ପାଣି ମାଡୁ ନ ଥିବା ଅଭିଯୋଗ ହୋଇ ଆସୁଛି। ପ୍ରାକୃତିକ ବିପର୍ଯ୍ୟୟରୁ ମୁକୁଳି ପାରୁ ନ ଥିବା ଚାଷୀ ଆଉ ଚାଷ କାର୍ଯ୍ୟ ପ୍ରତି ଆକୃଷ୍ଟ ହେଉ ନ ଥିବାରୁ ଚାଷୀ ସଂଖ୍ୟା କ୍ରମଶଃ ହ୍ରାସ ପାଇବାରେ ଲାଗିଛି। ଅନ୍ୟପକ୍ଷେ ଯାହାର କମ୍ ଜମି ଅଛି କିମ୍ବା ଜମି ନ ଥାଇ ମଧ ସେମାନଙ୍କ ନାମରେ ନକଲି କାଗଜପତ୍ର ପ୍ରସ୍ତୁତ କରି ଅଧିକ ଜମି ଦେଖାଇ ଚାଷୀଭାବେ ପଞ୍ଜିକରଣ କରାଯାଇ ଆସୁଛି। ସେହିମାନଙ୍କ ନାମରେ କୃଷିକ୍ଷେତ୍ର ପାଇଁ ଉଦ୍ଦିଷ୍ଟ ବିଭିନ୍ନ ସରକାରୀ ଯୋଜନାରେ ଆବଣ୍ଟିତ ଅନୁଦାନକୁ ଚଲୁ କରାଯାଉଛି। ଚଳିତ ବର୍ଷ ମାର୍କଣ୍ଡପୁର ପ୍ୟାକ୍ସରେ ଏଭଳି ଏକ ଘଟଣା ପର୍ଦ୍ଦାଫାଶ ହୋଇଛି। ଏକ କଲେଜରେ ରାତ୍ର ଜଗୁଆଳି ଭାବେ କାର୍ଯ୍ୟ କରୁଥିବା ୪ଜଣ ପରିବାର ସଦସ୍ୟଙ୍କ ନାମରେ ୯୦ଏକରରୁ ଊର୍ଦ୍ଧ୍ୱ ଜମି ଦର୍ଶାଇ ଧାନ କିଣାରେ ପ୍ରାୟ ୧୯ଲକ୍ଷ ଟଙ୍କା ହଡ଼ପ ହୋଇଛି। ଏନେଇ ସ୍ଥାନୀୟ କେତେକ ଚାଷୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବା ପରେ ମାମଲାର ତଦନ୍ତ ଚାଲିଛି । ସେହିପରି ଧର୍ମଶାଳା ବ୍ଲକ ମହିସରା ପ୍ୟାକ୍ସରେ କୃଷକଙ୍କ ନାମରେ ଆସୁଥିବା ବିଭିନ୍ନ ଯୋଜନାର ଅନୁଦାନକୁ ଲୁଟ ହୋଇଥିବା ଅଭିଯୋଗ ସଂକ୍ରାନ୍ତରେ ଗତ ଜୁନ ମାସରେ ଭିଜିଲାନ୍ସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ୧।୪।୨୦୧୬ ରୁ ୩୧।୩।୨୦୧୭ ତାରିଖ ମଧ୍ୟରେ ଚାଷୀଙ୍କ ବୀମା, ବିହନ, ଋଣ ଆଦି ଅନୁଦାନ ବାବଦକୁ ପ୍ରାୟ ୧୫ଲକ୍ଷ ଟଙ୍କା ହଡ଼ପ ହୋଇଥିବା ଭିଜିଲାନ୍ସ ପକ୍ଷରୁ ପ୍ରାରମ୍ଭିକ ତଦନ୍ତରୁ ପଡ଼ିଥିଲା। କୋରେଇ ବ୍ଲକ ବନ୍ଧାଳ ପ୍ୟାକ୍ସରେ କେତେକ ଭାଗଚାଷୀଙ୍କ ନାମରେ ମିଥ୍ୟା ଧାନ ବିକ୍ରି କରି ଲକ୍ଷାଧିକ ଟଙ୍କା ହଡପ କରାଯାଇଥିବା ଅଭିଯୋଗ ହୋଇଥିଲା। ରସୁଲପୁର ବ୍ଲକ ବ୍ରହ୍ମବରଦା ସେବା ସମବାୟ ସମିତିର ସମ୍ପାଦକଙ୍କ ବିରୋଧରେ ହୋଇଥିବା ଦୁର୍ନୀତିର ତଦନ୍ତ କରିବାକୁ ଯାଜପୁର ସମବାୟ ସମିତି ସମୂହର ସହକାରୀ ନିବନ୍ଧକ(ଏଆର୍‌ସିଏସ୍)ଙ୍କୁ ନିର୍ଦ୍ଦେଶ ହୋଇଥିଲା। ଧର୍ମଶାଳା ବ୍ଲକ ରଖିଦେଇପୁର ସେବା ସମିତି ଉପରେ ହୋଇଥିବା ଅଭିଯୋଗ ଉପରେ ଅତିରିକ୍ତ ନିବନ୍ଧକ ତଦନ୍ତ କରିବାକୁ କଟକ ଉପନିବନ୍ଧକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହିସବୁ ଦୁର୍ନୀତିର ତଦନ୍ତ ନିର୍ଦ୍ଦେଶରେ ସୀମିତ ରହିଛି। ଜିଲାରେ ହଜାର ହଜାର ନକଲି ଚାଷୀ ଦର୍ଶାଇ ସେମାନଙ୍କ ନାମରେ ଉଦ୍ଦିଷ୍ଟ ସମସ୍ତ ସରକାରୀ ସୁବିଧା ସୁଯୋଗକୁ ହଡ଼ପ କରାଯାଉଛି। କିନ୍ତୁ ଚଳିତ ବର୍ଷ ରାଜ୍ୟ ସରକାର ଦୁର୍ନୀତି ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆଇନ ଆଣିଥିବାରୁ ସଂପୃକ୍ତ ଅଧିକାରୀମାନେ ଭୟ କରୁଥିବା ସନ୍ଦେହ କରାଯାଇଛି। ଫଳରେ ଚାଷୀ ପଞ୍ଜୀକରଣ ସଂଖ୍ୟା ହ୍ରାସ ପାଇଛି ବୋଲି କୁହାଯାଉଛି। ଏସଂକ୍ରାନ୍ତରେ ଯାଜପୁର ଏଆର୍‌ସିଏସ୍ ଶରତ ମଲ୍ଲିକଙ୍କୁ ପଚାରିବାରେ ସେ କହିଛନ୍ତି ଏତେ ସଂଖ୍ୟକ ଚାଷୀ ପଞ୍ଜୀକରଣ ହ୍ରାସ ପାଇବ ନାହିଁ। ଗତ ବର୍ଷର ଚାଷୀ ପଞ୍ଜୀକରଣ ସଂଖ୍ୟାକୁ ପହଞ୍ଚିବାକୁ ଉଦ୍ୟମ ଜାରି ରହିଛି ବୋଲି କହିଛନ୍ତି।

## ଦୁର୍ଘଟଣାରେ ଆହତ ଚିକିତ୍ସାଧୀନଙ୍କ ମୃତ୍ୟୁ

**ରସୁଲପୁର,୧୯।୯(ଡି.ଏନ୍.ଏ.)**

କୁଆଖିଆ ଥାନା ଅନ୍ତର୍ଗତ ରସୁଲପୁର ପଞ୍ଚାୟତ ସୁଆଁସାହି ଗ୍ରାମର ଶ୍ୟାମସୁନ୍ଦର ନାୟକ(୫୫) ଗତ ୧୫ତାରିଖ ରାତି ସାଢେ ୯ଟାରେ ୧୬ନଂ ଜାତୀୟ ରାଜପଥର ଗାଁ ଛକଠାରେ ଦୁର୍ଘଟଣାର ଶିକାର ହୋଇଥିଲେ। ସେ ରାସ୍ତା ପାର ହେଉଥିବା ସମୟରେ ଏକ ଗାଡ଼ି ତାଙ୍କ ପଛପଟୁ ଧକ୍କା ଦେଇଥିଲା। ତାଙ୍କ ମୁଣ୍ଡର ପଛପଟରେ ଗଭୀର ଆଘାତ ଲାଗିବାରୁ ଗୁରୁତର ଅବସ୍ଥାରେ ତାଙ୍କୁ ସ୍ଥାନୀୟ ଅଞ୍ଚଳବାସୀ ପ୍ରଥମେ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରୁ ତାଙ୍କୁ କଟକ ବଡ ଡାକ୍ତର ଖାନାକୁ ସ୍ଥାନାନ୍ତର କରାଯାଇଥିଲା । ଦୁର୍ଘଟଣା ଦିନରୁ ସେ ସଂଜ୍ଞାହୀନ ଅବସ୍ଥାରେ ଚିକିତ୍ସିତ ହେଉଥିଲେ। ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥାରେ କୌଣସି ପରିବର୍ତ୍ତନ ନ ଆସିବାରୁ ପରିବାର ଲୋକେ ଦୁଇଦିନ ତଳେ ଏକ ଘରୋଇ ଚିକିତ୍ସା କେନ୍ଦ୍ରକୁ ଚିକିତ୍ସା କରିବାକୁ ନେଇ ଥିଲେ । ସେଠାରେ ଶ୍ୟାମ ସୁନ୍ଦରଙ୍କ ମୃତ୍ୟୁ ହୋଇଥିଲା। ତାଙ୍କ ମୃତ୍ୟୁକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ମଧୁପୁର କଲେଜରେ ପାନୀୟ ଜଳ ସଙ୍କଟ

# ଛାତ୍ରୀଛାତ୍ରଙ୍କୁ ମିଳୁନି ପିଇବା ପାଣି

**ରସୁଲପୁର,୧୯।୯(ଡି.ଏନ୍.ଏ.)**



ଶିକ୍ଷାନୁଷ୍ଠାନରେ ପାନୀୟ ଜଳ ସୁବିଧା, ପାଇଖାନା, ପରିସ୍ରାଗାର ସ୍ଥାପନ ବାଧ୍ୟତାମୂଳକ। ପ୍ରତ୍ୟେକ ପିଲାଙ୍କୁ ଏ ସୁବିଧା ସୁନିଶ୍ଚିତ କରିବା ସ୍କୁଲ ଓ କଲେଜର କର୍ତ୍ତୃପକ୍ଷଙ୍କ ଦାୟିତ୍ୱ। ଏଦିଗରେ ତ୍ରୁଟିବିଚ୍ୟୁତ ଘଟିଲେ ଦାୟୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନିୟମ ବି ରହିଛି। ହେଲେ ଏହି ନିୟମକୁ କଡ଼ାକଡ଼ି ଭାବରେ ପାଳନ କରାଯାଉ ନ ଥିବାରୁ ବହୁ ଶିକ୍ଷାନୁଷ୍ଠାନରେ ପିଲାମାନେ ମୌଳିକ ସୁବିଧା ପାଇବାରୁ ବଞ୍ଚିତ ହେଉଛନ୍ତି। ଏଭଳିସ୍ଥିତି ଯାଜପୁର ଜିଲା ରସୁଲପୁର ବ୍ଲକ ଅନ୍ତର୍ଗତ ମଧୁପୁର କଲେଜରେ ଦେଖାଦେଇଛି । ଏଠାରେ ଗତ କିଛି ମାସ ହେବ ପାନୀୟ ଜଳ ସଙ୍କଟ ଦେଖାଦେଇଛି। ପାଇପ୍ ଜଳ ଯୋଗାଣ ବନ୍ଦ ହୋଇଯିବାରୁ ଛାତ୍ରୀଛାତ୍ରଙ୍କୁ ପିଇବା ପାଣି ମୁନ୍ଦେ ମିଳିପାରୁ ନାହିଁ। ବିଶେଷକରି ଛାତ୍ରୀମାନେ ପରିସ୍ରାଗାର, ପାଇଖାନା ଆଦି ବ୍ୟବହାର କରିବାରେ ଅସୁବିଧା ଉପୁଜୁଛି। ବଡ଼ ବଡ଼ ଝିଅମାନେ ବାହାରେ ପରିସ୍ରା କରିବାକୁ ଅମଙ୍ଗ ହେଉଥିବାରୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି । ଏହି ଅଭିଯୋଗକୁ ନେଇ ଛାତ୍ରୀମାନେ କଲେଜର ଅଧକ୍ଷ କୁଶଧର ପଣ୍ଡାଙ୍କ ନିକଟରେ ଅଭିଯୋଗ କରିଛନ୍ତି । ହେଲେ ସମସ୍ୟା ସମାଧାନ ହୋଇପାରୁ ନାହିଁ। ଏହି ସମସ୍ୟାକୁ ନେଇ ଗୁରୁବାର ଛାତ୍ରୀମାନେ ଉଗ୍ରରୂପ ଧାରଣ କରିଥିଲେ। ପାଣି ସମସ୍ୟାକୁ ସପ୍ତାହକ ମଧ୍ୟରେ ସମାଧାନ କରିବାକୁ ଦାବି କରି ଅଧକ୍ଷ ପଣ୍ଡାଙ୍କୁ ଘେରି ଥିଲେ।

**ସମସ୍ୟା ସମାଧାନ ପାଇଁ ଅଧକ୍ଷଙ୍କୁ ଘେରିଲେ**

ଏହି କଲେଜରେ ଯୁକ୍ତ ୨ ଓ ୩ ଶ୍ରେଣୀରେ ମୋଟ ୧୨ଶହ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି । ମୋଟ ବିଦ୍ୟାର୍ଥୀଙ୍କ ମଧ୍ୟରୁ ୭୦ଶତକଡ଼ା ଛାତ୍ରୀ ବୋଲି ଜଣାପଡିଛି । ଏହି କଲେଜରେ ପାଣି ଟାଙ୍କି ରହିଛି। ଉକ୍ତ ଟାଙ୍କିକୁ ପଞ୍ଚାୟତ ପାନୀୟ ଜଳ ପ୍ରକଳ୍ପରୁ ପାଣି ସଂଯୋଗ କରାଯାଇଛି। ଉକ୍ତ ପାଣିକୁ ପାନୀୟ ଜଳ, ପାଇଖାନା ଓ ପରିସ୍ରାଗାରରେ ବ୍ୟବହାର କରାଯାଉଛି। ଏହି ସୁବିଧା ଗତ କିଛି ମାସ ଧରି କଲେଜରେ ମିଳୁ ନାହିଁ । ପଞ୍ଚାୟତରୁ ସଂଯୋଗ ପାଇପରେ ତ୍ରୁଟି ଥିବାରୁ ପାଣି କଲେଜରେ ପହଞ୍ଚି ପାରୁ ନାହିଁ। ଫଳରେ ପିଲାମାନଙ୍କୁ ଅକଥନୀୟ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ଏ ଦିଗରେ ଅଧକ୍ଷ ପଣ୍ଡାଙ୍କ ମତ ନେବାରୁ ସେ ଏ ନେଇ ସରପଞ୍ଚଙ୍କୁ ଅବଗତ କରାଇଥିବା କହିଛନ୍ତି। ଏହାଛଡା ଏବେ ବସୁଧା ଯୋଜାନରେ ଏକ ଉଚ୍ଚକ୍ଷମତା ସମ୍ପନ୍ନ ପାଣିଟାଙ୍କି ସ୍ଥାପନ ହୋଇଛି । ଲୌହମୁକ୍ତ ପାଣି ପାଇଁ ଏକ ଗଭୀର ନଳକୂପ ବି ସ୍ଥାପନ କରାଯାଇଛି। ଉକ୍ତ ପ୍ରକଳ୍ପରୁ ତୁରନ୍ତ କଲେଜକୁ ପାଣି ସଂଯୋଗ କରାଯିବାକୁ କଲେଜ ପକ୍ଷରୁ ଦାବି ହୋଇଛି ବୋଲି ଅଧକ୍ଷ କହିଛନ୍ତି। ଏ ସମ୍ପର୍କରେ ରସୁଲପୁର ବ୍ଲକ ଗ୍ରାମ୍ୟ ଜଳ ଯୋଗାଣ ଅଧିକାରୀ ପଦ୍ମନାଭ ଖଣ୍ଡେଇଙ୍କୁ ପଚାରିବାରୁ ସେ ଏ ନେଇ କଲଣ ସରପଞ୍ଚଙ୍କ ସହ ଆଲୋଚନା କରି ତ୍ୱରିତ ପଦକ୍ଷେପ ନେବେ। ଏହାଛଡା ବସୁଧା ଯୋଜନାରୁ କଲେଜକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯିବା ଉପରେ ଗୁରୁତ୍ୱ ପ୍ରଦାନ କରାଯାଉଛି ବୋଲି ପ୍ରକାଶ କରିଛନ୍ତି ।

## ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡ୍‌କୁ ଶ୍ରମିକ ଶିକ୍ଷା ଆୱାର୍ଡ

**କଳିଙ୍ଗନଗର,୧୯।୯(ଡି.ଏନ୍.ଏ.)**

କଳିଙ୍ଗନଗରସ୍ଥିତ ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍‌କୁ ଚଳିତ ବର୍ଷର ଶ୍ରମିକ ଶିକ୍ଷା ଆୱାର୍ଡ-୨୦୧୯ ପ୍ରଦାନ କରାଯାଇଛି। ଗତ ସୋମବାର ଭୁବନେଶ୍ୱରସ୍ଥିତ ରୋଟାରି କ୍ଲବଠାରେ ଆୟୋଜିତ ଶ୍ରମିକ ଶିକ୍ଷା ଦିବସ ଉତ୍ସବରେ ଜିନ୍ଦଲକୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଓଡ଼ିଶା ସରକାରଙ୍କ ସ୍ୱତନ୍ତ୍ର ପରାମର୍ଶଦାତା ଡ. ଲେନିନ ମହାନ୍ତିଙ୍କଠାରୁ ଜିନ୍ଦଲ ଷ୍ଟେନଲେସ ଲିମିଟେଡ କଳିଙ୍ଗନଗର କାରଖାନାର ମାନବ ସମ୍ବଳ ବିଭାଗ ଡିଜିଏମ୍ ଅଶୋକ କୁମାର ରଥ ଶ୍ରମିକ ଶିକ୍ଷା ଆୱାର୍ଡ ଗ୍ରହଣ କରିଥିଲେ । ଏହି ଅବସରରେ ରାଷ୍ଟ୍ରୀୟ ଶ୍ରମିକ ଶିକ୍ଷା ଓ ବିକାଶ ବୋର୍ଡ, ଭୁବନେଶ୍ୱରର ଆଞ୍ଚଳିକ ନିର୍ଦ୍ଦେଶିକା ସସ୍ମିତା ଭଞ୍ଜ ଓ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡର ଅଧକ୍ଷ ସୁବାଷ ସିଂହଙ୍କ ସହିତ ବିଭିନ୍ନ ସରକାରୀ ଅଧିକାରୀ, ସ୍ୱେଚ୍ଛାସେବୀ ସଙ୍ଗଠନ ଉପସ୍ଥିତ ଥିଲେ। ଦେଶର ଅନେକ ଉଦ୍ୟୋଗ ମଧ୍ୟରୁ ଭାରତ ସରକାରଙ୍କର ଶ୍ରମିକ ଓ ଶିକ୍ଷା ବିଭାଗ ଦ୍ୱାରା ଜିନ୍ଦଲ କମ୍ପାନୀରେ ଶ୍ରମିକଙ୍କୁ ଦିଆଯାଉଥିବା ଶିକ୍ଷା ଓ ବିକାଶ ପଦ୍ଧତି ପାଇଁ ଚଳିତ ବର୍ଷର ସମ୍ମାନଜନକ ‘‘ଶ୍ରମିକ ଶିକ୍ଷା ଆୱାର୍ଡ- ୨୦୧୯’’ ପାଇଁ ଯୋଗ୍ୟ ବିବେଚିତ ହୋଇଥିଲା।

# ଯାଜପୁର ଜିଲା କବାଡ଼ିରେ ରସୁଲପୁର ବ୍ଲକର ସଫଳତା

**ରସୁଲପୁର,୧୯।୯(ଡି.ଏନ୍.ଏ.)**

ଯାଜପୁର ଜିଲାର ସୁକିନ୍ଦା ବ୍ଲକ ଅନ୍ତର୍ଗତ ପିମ୍ପୁଡିଆ ଉଚ୍ଚ ବିଦ୍ୟାଳୟ ପରିସରରେ ଚଳିତ ସପ୍ତାହରେ ବିଦ୍ୟାଳୟ କବାଡ଼ି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଉକ୍ତ ପ୍ରତିଯୋଗିତାରେ ରସୁଲପୁର ବ୍ଲକକୁ ଅଭୁତ ସଫଳତା ମିଳିଛି । ଏହି ପ୍ରତିଯୋଗିତାରେ ଏହି ବ୍ଲକର ଉଭୟ ୧୪ ଓ ୧୭ବର୍ଷରୁ କମ୍ ବିଭାଗରେ ବାଳକ ଦଳକ ଚମ୍ପିଅନ ହୋଇଥିବା ବେଳେ ବାଳିକା ବିଭାଗର ୧୭ବର୍ଷରୁ କମ୍ ଖେଳରେ ଏହି ବ୍ଲକ ଦ୍ୱିତୀୟ ସ୍ଥାନରେ ରହିଛି । ଉକ୍ତ ସଫଳତାରେ ରସୁଲପୁର ବ୍ଲକ ଶିକ୍ଷାଧିକାରୀ ସାନ୍ତନୁ କୁମାର କର ସନ୍ତୋଷବ୍ୟକ୍ତ କରିବା ସହ ଖେଳରେ କୃତିତ୍ୱ ଅର୍ଜନ କରିଥିବା ଖେଳାଳି ଓ ବ୍ଲକର ଖେଳ ପରିଚାଳିକା ପରିଚାଳକାଙ୍କୁ ଅଭିନନ୍ଦନ ଜ୍ଞାପନ କରିଛନ୍ତି। ସଫଳତା ହାସଲ କରିଥିବା ପୁଅ ଓ ଝିଅଙ୍କ ମଧ୍ୟରୁ ବହୁ ପ୍ରତିଭାବାନ କବାଡି ଖେଳାଳି ଅଛନ୍ତି। ସେମାନ ମଧ୍ୟରୁ ଯେଉଁମାନେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ମନୋନୀତ ହୋଇଛନ୍ତି, ସେମାନଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ପ୍ରଦାନ ଦିଗରେ କ୍ରୀଡ଼ା ଶିକ୍ଷୟିତ୍ରୀ ତଥା ପ୍ରୋକବାଡି ରେଫରୀ ମନସ୍ୱିନୀ ସାହୁ, ଶିକ୍ଷକ ଅନାଦି ସାହୁ, ସୁରେଶ ପରିଡାଙ୍କ ସମେତ ଅନ୍ୟ ବିଦ୍ୟାଳୟର ସମସ୍ତ କ୍ରୀଡା ଶିକ୍ଷୟିତ୍ରୀଶିକ୍ଷକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟସ୍ତରରେ ପିଲାମାନେ ଭଲ ପ୍ରଦର୍ଶନ କରି ଏହି ବ୍ଲକରୁ ଜାତୀୟ ସ୍ତରରେ ଖେଳିବାକୁ ଯୋଗ୍ୟତା ଅର୍ଜନ କରନ୍ତୁ ବୋଲି ଶିକ୍ଷାଧିକାରୀ କର ଆଶାପ୍ରକଟ କରିଛନ୍ତି।

**ଖେଳାଳିଙ୍କୁ ଶୁଭେଚ୍ଛା ଜ୍ଞାପନ କଲେ ବ୍ଲକ ଶିକ୍ଷାଧିକାରୀ**



ବିଜୟୀ ଦଳ ସହ ବ୍ଲକ ଶିକ୍ଷାଧିକାରୀ ସାନ୍ତନୁ କୁମାର କର ଓ ଅନ୍ୟମାନେ।

## ଗ୍ରାମ୍ୟ ବିପର୍ଯ୍ୟୟ ପରିଚାଳନା କମିଟି ବୈଠକ



ବୈଠକରେ ଉପସ୍ଥିତ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ।

**ଯାଜପୁର ଅଫିସ,୧୯।୯**

ଜିଲା ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ପକ୍ଷରୁ ଗୁରୁବାର ଗ୍ରାମ୍ୟ ବିପର୍ଯ୍ୟୟ ପରିଚାଳନା ସମ୍ପର୍କରେ ଏକ ସଚେତନତା ଓ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ରଞ୍ଜନ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପ୍ରୋଗ୍ରାମ ମ୍ୟାନେଜର ଦେବାଶିଷ ପ୍ରଧାନ ୩୬୦ ଗ୍ରାମରେ ଗ୍ରାମ୍ୟ ବିପର୍ଯ୍ୟୟ ପରିଚାଳନା କୌଶଳ ବା ଭିଡିଏମ୍‌ପି ପାଇଁ ଚିହ୍ନଟ ହୋଇଛି ବୋଲି ସୂଚନା ଦେଇଥିଲେ। ବରୀ ବ୍ଲକର ୭୦ଟି, ଦାନଗଦୀ ଓ ସୁକିନ୍ଦା ବ୍ଲକର ୫ଟି ଲେଖାଏ ଓ ଅନ୍ୟ ୭ଟି ବ୍ଲକର ୪୦ଟି ଲେଖାଏ ଗ୍ରାମକୁ ଏଥିପାଇଁ ସାମିଲ କରାଯାଇଛି। ପଲ୍ଲିଶ୍ରୀ, ନିୟତି, ସ୍ୱାମୀ ବିବେକାନନ୍ଦ ୟୁଥ ଆସୋସିଏଶନ, ଜୟନ୍ତୀ ପାଠାଗାର, ୱେ ଅଫ ଇଣ୍ଟିଗ୍ରେଟେଡ ସୋସିଆଲ ସର୍ଭିସ, ଓଡିଶା ଇନଷ୍ଟିଚ୍ୟୁଟ ଅଫ ଏଜୁକେଶନ ଆଣ୍ଡ ସୋସିଆଲ ଡେଭଲପମେଣ୍ଟ ସ୍ୱେଚ୍ଛାସେବୀ ସଂସ୍ଥାର କର୍ମକର୍ତ୍ତା ଏହି ଗ୍ରାମ୍ୟଗୁଡ଼ିକରେ ପହଞ୍ଚି ଲୋକମାନଙ୍କୁ ତାଲିମ ଓ ସଚେତନ କରିବେ ବୋଲି କହିଥିଲେ। ଓସ୍‌ଡମାରୁ ଆସିଥିବା ମାଷ୍ଟର ଟ୍ରେନର ସୁତନୁ ଠାକୁର ବିସ୍ତୃତ ସୂଚନା ଦେଇ ଏହି କାର୍ଯ୍ୟକ୍ରମ ଗୋଷ୍ଠୀଙ୍କୁ ବ୍ୟାପକ ପ୍ରଶିକ୍ଷିତ କରିବା ସହ ଯେପରି କୌଣସି ପ୍ରକାର ବିପର୍ଯ୍ୟୟର ମୁକାବିଲା ସେମାନେ କରିପାରିବେ ସେଥିପ୍ରତି ପ୍ରସ୍ତୁତ ରଖିବା ବୋଲି କହିଥିଲେ। ଜିଲା ଜରୁରୀ ଅଧିକାରୀ ଉମେଶଚନ୍ଦ୍ର ଲେଙ୍କା ସମସ୍ତଙ୍କୁ ସ୍ୱାଗତ କରିଥିବାବେଳେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ମନୋଜ କୁମାର ବେହେରା, ଯାଜପୁର ଅତିରିକ୍ତ ଜିଲାପାଳ ମିହିରପ୍ରସାଦ ମହାନ୍ତି, ଉପଜିଲାପାଳ ନାରାୟଣଚନ୍ଦ୍ର ଧଳ, କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର, ସମସ୍ତ ତହସିଲଦାର, ବିଡିଓ ପ୍ରମୁଖ ଯୋଗ ବିଭିନ୍ନ ବିଭାଗୀୟ ଅଧିକାରୀ ଦେଇଥିଲେ।

# କାଗଜପତ୍ରରେ ଚାଲିଛି ମହିଳା, ସମନ୍ୱିତ ଶିଶୁ ବିକାଶ ବିଭାଗ

**ବିଞ୍ଝାରପୁର,୧୯।୯(ଡି.ଏନ୍.ଏ.)**

**ବିଞ୍ଝାରପୁର ବ୍ଲକ**



- ବ୍ଲକରେ ୨୯୫ ଅଙ୍ଗନୱାଡି କେନ୍ଦ୍ର ରହିଛି
- ୫ରୁ ୧୦ ଶିଶୁ ନିୟମିତ କେନ୍ଦ୍ରକୁ ଆସୁଥିବା କୁହାଯାଉଛି

ବିଞ୍ଝାରପୁର ବ୍ଲକରେ ମହିଳା ଓ ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟକ୍ରମ ଏକ ପ୍ରକାର ଦିଗହରା ହୋଇପଡିଛି। ଏହି ବ୍ଲକରେ ୨୯୫ ଅଙ୍ଗନୱାଡି କେନ୍ଦ୍ର ଥିବା ବେଳେ ଅଧିକାଂଶ କେନ୍ଦ୍ରଗୁଡିକ କେବଳ କାଗଜପତ୍ରରେ ଚାଲିଥିବା ଅଭିଯୋଗ ହୋଇଛି। ସରକାର ମହିଳା, ଶିଶୁଙ୍କ ସ୍ୱାସ୍ଥ୍ୟ ଓ ବୌଦ୍ଧିକ ବିକାଶ ପାଇଁ ମହିଳା ଓ ସମନ୍ୱିତ ଶିଶୁ ବିକାଶ ବିଭାଗ ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ହେଲେ ଏହି ବ୍ଲକରେ ଅଧିକାଂଶ ଅଙ୍ଗନୱାଡି କେନ୍ଦ୍ର ବନ୍ଦ ରହୁଥିବାରୁ ପଞ୍ଜୀକୃତ ଶିଶୁମାନେ ପ୍ରାରମ୍ଭିକ ଶିକ୍ଷା ପାଇବାରୁ ବଞ୍ଚିତ ହେଉଛନ୍ତି । ଏଥିସହ କେନ୍ଦ୍ରଗୁଡିକରେ ଅନିୟମିତତା ନେଇ ବିଭାଗର କାର୍ଯ୍ୟକଳାପ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି।

ସରକାରୀ ତଥ୍ୟ ଅନୁଯାୟୀ ବିଞ୍ଝାରପୁର ବ୍ଲକରେ ଥିବା ୨୯ ଗ୍ରାମ ପଞ୍ଚାୟତର ୨୯୫ ଅଙ୍ଗନୱାଡି କେନ୍ଦ୍ରରେ ମୋଟ ୨୦ ହଜାର ୩୯ ଜଣ ଶିଶୁ ପଞ୍ଜୀକୃତ ହୋଇଛନ୍ତି। ସେଥି ମଧ୍ୟରୁ ୯ ହଜାର ୬୦୯ ଶିଶୁପୁତ୍ର ଏବଂ ୧୦ ହଜାର ୪୩୦ ଜଣ ଶିଶୁକନ୍ୟା ପଞ୍ଜୀକୃତ ହୋଇଥିବା ଜଣାପଡିଛି। ତେବେ ସମସ୍ତ ଅଙ୍ଗନୱାଡି କେନ୍ଦ୍ରରେ ଶିଶୁଙ୍କ ସଂଖ୍ୟା ୫୦ରୁ ୮୦ ଉପସ୍ଥାନ ସରକାରୀ ତଥ୍ୟରେ ଦେଖାଯାଉଛି। ବାସ୍ତବ କ୍ଷେତ୍ରରେ ସମସ୍ତ କେନ୍ଦ୍ରରେ ୧୫ରୁ ୨୦ଜଣ ଶିଶୁ ପଞ୍ଜୀକରଣ ହେଉଥିବାବେଳେ ୫ରୁ ୧୦ଜଣ ନିୟମିତ ଆସିଥାନ୍ତି। କିନ୍ତୁ କେନ୍ଦ୍ରରେ ଥିବା ଅଙ୍ଗନୱାଡି କର୍ମୀମାନେ ୭୦ରୁ ଊର୍ଦ୍ଧ୍ୱ ଶିଶୁଙ୍କ ଉପସ୍ଥାନ ଦେଖାଇ ଶିଶୁଙ୍କ ବାବଦରେ ଆସୁଥିବା ସାମଗ୍ରୀ ଲୁଟ୍ କରୁଥିବା ଅଭିଯୋଗ ହେଉଛି। ଏଥିରେ ଉଚ୍ଚ କର୍ତ୍ତୃପକ୍ଷଙ୍କ ସମ୍ପୃକ୍ତି ରହୁଥିବା ଜଣେ ଅଙ୍ଗନୱାଡି କର୍ମୀ ନାମ ଗୋପନ ରଖି କହିଛନ୍ତି। ଅପରପକ୍ଷରେ ଅଧିକାଂଶ ଅଙ୍ଗନୱାଡି କେନ୍ଦ୍ର ନିୟମିତ ଖୋଲା ନ ଯାଇ ସରକାରୀ ଅର୍ଥ ଆତ୍ମସାତ ହେଉଥିବା ମଧ ଅଭିଯୋଗ ହେଉଛି। ବିଶେଷକରି ଏହି ବ୍ଲକର ଉତ୍ତ୍ରଙ୍ଗ ପଞ୍ଚାୟତର ସାଇଁକୂଳ ଓ ଆଉଁରୀ ପଞ୍ଚାୟତର କରପଦା ଅଙ୍ଗନୱାଡି କେନ୍ଦ୍ରରେ ଏହିଭଳି ଭାବେ ଅନିୟମିତତା କରାଯାଉଛି। ଏ ନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ ହୋଉଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ବ୍ଲକରେ ଏହି ଯୋଜନା ପ୍ରହସନ ବୋଲି ସାଧାରଣରେ କୁହାଯାଉଛି। ଉତ୍ତ୍ରଙ୍ଗ ଗ୍ରାମ ପଞ୍ଚାୟତର ସାଇଁକୂଳ ଅଙ୍ଗନୱାଡି କେନ୍ଦ୍ରଟି କେଉଁଠି ଅବସ୍ଥିତ ତାହା କାହାରିକୁ ଜଣାନାହିଁ। ଏହି କେନ୍ଦ୍ରର ନିଯୁକ୍ତି ପାଇଥିବା ଅଙ୍ଗନୱାଡି କର୍ମୀ ମାସେ କିମ୍ବା ଦୁଇ ମାସରେ ଥରେ ଆସି ଅଞ୍ଚଳର ଶିଶୁମାନଙ୍କ ଘରେ ଅଣ୍ଡା ଓ ଛତୁଆ ବାଣ୍ଟି ଦେଇ ପଳାଇ ଥାନ୍ତି। ଏହି କେନ୍ଦ୍ରର ନିଜସ୍ୱ କେନ୍ଦ୍ର ନ ଥିବା ବେଳେ ସରକାରୀ ଅନୁଦାନରେ ନିର୍ମାଣ ହେଉଥିବା ଅଙ୍ଗନୱାଡି କେନ୍ଦ୍ରଟି ଅଧାପନ୍ତରିଆ ଭାବେ ପଡି ରହିଛି। ଅଙ୍ଗନୱାଡି କେନ୍ଦ୍ରର ଅନିୟମିତତା ସମ୍ପର୍କରେ ବାରମ୍ବାର ସିଡିପିଓଙ୍କୁ ଅବଗତ କରୁଥିଲେ ମଧ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ପଦକ୍ଷେପ ଗ୍ରହଣ ହୋଇ ନ ଥିବା ସାଇଁକୂଳ ଗ୍ରାମ ୱାର୍ଡ ମେମ୍ବର ଶଶିକାନ୍ତ ଜେନା କହିଛନ୍ତି। ସେହିପରି ଆଉଁରୀ ପଞ୍ଚାୟତର କରପଦା ଗ୍ରାମରେ ଥିବା ଅଙ୍ଗନୱାଡି କେନ୍ଦ୍ର-୧ଟି ମଧ ଶୋଚନୀୟ ହୋଇପଡିଛି। ଏହି କେନ୍ଦ୍ରର ନିଜସ୍ୱ ଘର ଥିବାବେଳେ ଅଧିକାଂଶ ସମୟ ତାଲା ପଡି ରହୁଛି। ଏଠାରେ ପାଚିକାଭାବେ ନିଯୁକ୍ତି ପାଇଥିବା ପାର୍ବତୀ ପ୍ରଧାନ(୭୫) ନିୟମିତ ହାଜିରା ଦେଉଛନ୍ତି। ହେଲେ କେନ୍ଦ୍ରକୁ ପିଲା ଆସୁ ନ ଥିବା କୁହାଯାଉଛି। ଏ ସମ୍ପର୍କରେ ବହୁବାର ସିଡିପିଓଙ୍କ କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ ମଧ କାର୍ଯ୍ୟାନୁଷ୍ଠାନ ହୋଇ ନ ଥିବା ଗ୍ରାମର ବରିଷ୍ଠ ନାଗରିକ ପୀତାମ୍ବର ମଲ୍ଲିକ କହିଛନ୍ତି। ବିଞ୍ଝାରପୁର ବ୍ଲକରେ ସମନ୍ୱିତ ଶିଶୁ ବିଭାଗ କିପରି ଚାଲିଛି ଏହି ଦୁଇ ଅଙ୍ଗନୱାଡି କେନ୍ଦ୍ରକୁ ଦେଖିଲେ ସହଜରେ ଅନୁମେୟ। ସେହିପରି ବିଞ୍ଝାରପୁର ବ୍ଲକ ମହିଳା ଓ ଶିଶୁ ସମନ୍ୱିତ ବିକାଶ ବିଭାଗରେ ପ୍ରକୃତରେ କେତେ ଶିଶୁ ପଞ୍ଜୀକୃତ ହୋଇଛନ୍ତି ଏବଂ ଉପସ୍ଥାନ କେତେ ରହୁଛି ତାହା ତଦନ୍ତ ସାପେକ୍ଷ। ଖାଲି ସେତିକି ନୁହେଁ, ଏହି ଅନିୟମିତତା ଅଭିଯୋଗ ଆସିବା ପରେ ଅଙ୍ଗନୱାଡି କେନ୍ଦ୍ରଗୁଡିକର ସୁପରିଚାଳନା ପାଇଁ ନିଯୁକ୍ତି ପାଇଥିବା ସୁପରଭାଇଜର ମାନଙ୍କର ଭୂମିକା ଓ ପାରଦର୍ଶିତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ବିଞ୍ଝାରପୁର ସିଡିପିଓ ପ୍ରାଣେଶ୍ୱରୀ ପାଣିଗ୍ରାହୀଙ୍କୁ ପଚାରିବାରୁ, ବିଞ୍ଝାରପୁର ବ୍ଲକରେ ଥିବା ଅଙ୍ଗନୱାଡି କେନ୍ଦ୍ରଗୁଡିକରେ କୌଣସି ଅନିୟମିତତା ହେଉନାହିଁ। ଯେଉଁ ଅଭିଯୋଗ ହେଉଛି ତାହା ଭିତ୍ତିହୀନ ବୋଲି କହିଛନ୍ତି। ତେବେ ଏହି ଅନିୟମିତତା ସମ୍ପର୍କରେ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦ୍ୱାରା ତଦନ୍ତ କରାଗଲେ ପ୍ରକୃତ ସତ୍ୟ ସାମ୍ନାକୁ ଆସିବ ବୋଲି ଉଭୟ ଗ୍ରାମର ଗ୍ରାମବାସୀ କହିନ୍ତି। ଏଥିସହ ଏ ଦିଗରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ ପାଇଁ ନିବେଦନ କରିଛନ୍ତି।



ଏରସମାରେ ଅନୁଷ୍ଠିତ ବିଶ୍ୱକର୍ମା ପୂଜା।



ପାରାଦୀପରେ ଏକ ପୂଜା ମଣ୍ଡପରେ ବିଶ୍ୱକର୍ମାଙ୍କ ମୂର୍ତ୍ତି।



ବିଶ୍ୱକର୍ମା ପୂଜା ଉତ୍ସବରେ ପିଲାମାନେ ଖେଳୁଛନ୍ତି।

# ବଢୁଛି ଗହଳି ଜମୁଛି ବ୍ୟବସାୟ

**ପ୍ରସିଦ୍ଧ ବିଶ୍ୱକର୍ମା ପୂଜା**
- ଗହଳିର ସୁଯୋଗ ନେଉଛନ୍ତି ଲୁଟେରା
- ବେଳାଭୂମିରେ ମଧ ଭିଡ଼

ପାରାଦୀପ,୧୯।୯(ସ୍ୱ.ପ୍ର.)

ପାରାଦୀପରେ ଚାଲିଥିବା ପ୍ରସିଦ୍ଧ ବିଶ୍ୱକର୍ମା ପୂଜା ଉତ୍ସବ ଗୁରୁବାର ୩ୟ ଦିନରେ ପହଞ୍ଚିଛି। ପାଗ ଅନୁକୂଳ ଥିବାରୁ ପୂଜାରେ ପ୍ରବଳ ଜନସମାବେଶ ହେଉଛି। ଅପରାହ୍ନ ୩ଟାରୁ ରାତି ୧୧ଟା ପର୍ଯ୍ୟନ୍ତ ପୂଜା ଅଞ୍ଚଳରେ ଭିଡ଼ ଲାଗିରହୁଛି। ଏହି ଭିଡ଼ ଭିତରେ କେତେକ ଲୁଟେରା ସକ୍ରିୟ ହୋଇପଡିଛନ୍ତି। ସେମାନେ ପିଲା ଓ ମହିଳାମାନଙ୍କୁ ଟାର୍ଗେଟ କରି ସୁନାଚେନ୍, ଲକେଟ୍ ଆଦି ଝାମ୍ପି ନେଉଛନ୍ତି। ସୂଚନା କେନ୍ଦ୍ରରେ ବାରମ୍ବାର ବାରଣ ସତ୍ତ୍ୱେ ପୂଜା ଗହଳିରେ ଗହଣା ପିନ୍ଧି ବୁଲିବା ଅନେକଙ୍କୁ ମହଙ୍ଗା ପଡ଼ିଛି। ଅନ୍ୟପକ୍ଷରେ ଭିଡ଼ ଯୋଗୁ ବ୍ୟବସାୟ ମଧ ଜମିବାରେ ଲାଗିଛି। ବିଭିନ୍ନ ଘରକରଣା ସାମଗ୍ରୀ, ଫାଷ୍ଟଫୁଡ୍ ଦୋକାନ, ଖେଳଣା ଦୋକାନରେ ଗହଳି ହେଉଛି। ଛୋଟ ପିଲାମାନେ ମଧ ପୂଜାର ମଜା ଉଠାଉଛନ୍ତି। ସନ୍ଧ୍ୟାରେ ଭିଡ଼ ଯୋଗୁ ପୋଲିସ ପକ୍ଷରୁ ଗାଡି ଚଳାଚଳ ଉପରେ କଟକଣା ଜାରି କରାଯାଇଛି। ଏହି ବ୍ୟବସ୍ଥା ବଡ଼ପଡ଼ିଆର ବ୍ୟବସାୟୀ, ପୋର୍ଟ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଉଥିବା ରୋଗୀଙ୍କ ସମ୍ପର୍କୀୟ, ସିନେମା ହଲ ବସ୍ତି ଲୋକଙ୍କ ପାଇଁ କେତେକାଂଶରେ ଅଡୁଆ ହୋଇଛି। ପୂଜାରେ କେତେକ ଯୁବଗୋଷ୍ଠୀ ଖୋଲାରେ ମଦ୍ୟପାନ କରୁଥିବା ଦେଖିବାକୁ ମିଳୁଛି। ତେଣୁ ଏଥିପ୍ରତି ପୋଲିସ ପକ୍ଷରୁ ଦୃଷ୍ଟି ଦିଆଯିବା ଆବଶ୍ୟକ। ସେହିପରି ବେଳାଭୂମିରେ ମଧ ଗହଳି ଲାଗିଛି। କେତେକ ବଡ଼ ତୋରଣ ଆଗରେ ମେଲୋଡି କାର୍ଯ୍ୟକ୍ରମ ହୋଇଛି।



ମହିଳାମାନେ ବିଭିନ୍ନ ଘରକରଣା ସାମଗ୍ରୀ କିଣୁଛନ୍ତି।

## ଏସାର ଷ୍ଟିଲ ପରିସରରେ ବିଶ୍ୱକର୍ମା ପୂଜା

ପାରାଦୀପର ଏସାର ଷ୍ଟିଲ କାରଖାନା ପରିସରରେ ଚଳିତବର୍ଷ ପ୍ରଥମ କରି ବିଶ୍ୱକର୍ମା ପୂଜା ଆରମ୍ଭ ହୋଇଛି। ପରିବହନ ବ୍ୟବସାୟୀ, ଠିକାଦାର, କମ୍ପାନୀ କର୍ମଚାରୀଙ୍କ ମିଳିତ ଉଦ୍ୟମରେ ଏହି ପୂଜା ହୋଇଥିଲା। ଏହା ୫ଦିନ ଧରି ଚାଲିବ। ଏହି ଉପଲକ୍ଷେ ସୁନ୍ଦର ମୂର୍ତ୍ତି ସାଙ୍ଗକୁ ତୋରଣ ନିର୍ମାଣ କରାଯାଇଛି। ଏଥିସହ ୩ ଦିନିଆ ସାଂସ୍କୃତିକ କାର୍ଯ୍ୟକ୍ରମ ରହିଛି। ପୂର୍ବରୁ ଏହି କମ୍ପାନୀ ସମ୍ମୁଖରେ ଏସାର ଷ୍ଟିଲ କଣ୍ଟ୍ରାକ୍ଟ ୱାର୍କର୍ସ ୟୁନିୟନ ପକ୍ଷରୁ ପୂଜା ହେଉଥିଲା। ବିଭିନ୍ନ କାରଣରୁ ୟୁନିୟନ ପକ୍ଷରୁ ୩ ବର୍ଷ ହେଲା କେବଳ ଔପଚାରିକ ଭାବେ ଛୋଟ ଧରଣର ପୂଜା ଚାଲିଛି। ତେବେ କମ୍ପାନୀ ପକ୍ଷରୁ ଚଳିତଥର ବଡ଼ଧରଣ ପୂଜା ହୋଇଛି। ଏହାକୁ ପ୍ରକଳ୍ପ ମୁଖ୍ୟ ହରିପ୍ରସାଦ ଉଦଘାଟନ କରିଥିଲେ। ମାନବସମ୍ବଳ ଅଧିକାରୀ ପି.କେ. ମହାନ୍ତି, ବରିଷ୍ଠ ଅଧିକାରୀ ଶ୍ରୀନିବାସ ପ୍ରକାଶ ପ୍ରମୁଖ ଉପସ୍ଥିତ ଥିଲେ।



ଏସାର ଷ୍ଟିଲ ପରିସରରେ ପୂଜା ଉତ୍ସବ ଉଦ୍‌ଘାଟନ କରୁଛନ୍ତି ଅତିଥି।



ଜଣେ ବ୍ୟକ୍ତି ପରିବାର ସହିତ ପୂଜା ବଜାରରୁ ବିଭିନ୍ନ ଜିନିଷ କିଣୁଛନ୍ତି।



ଗୁରୁବାର ୩ୟ ଦିବସରେ ହୋଇଥିବା ଜନଗହଳି।

## ସଂକ୍ଷେପରେ

### ରଶ୍ମିରଞ୍ଜନ ହେଲେ ବିଧାୟକଙ୍କ ପ୍ରତିନିଧି

ତିର୍ତ୍ତୋଲ,୧୯।୯(ଡି.ଏନ.ଏ.): ତିର୍ତ୍ତୋଲ ବ୍ଲକ ଜଗନ୍ନାଥପୁର ପଞ୍ଚାୟତ ଶାଗବାରିଆ ଗ୍ରାମର ଛାତ୍ରନେତା ରଶ୍ମିରଞ୍ଜନ ଚୌଧୁରୀଙ୍କୁ ବିଧାୟକ ବିଷ୍ଣୁ ଦାସଙ୍କ ପ୍ରତିନିଧି ଭାବରେ ତିର୍ତ୍ତୋଲ ସ୍କିଲ ଡେଭଲପମେଣ୍ଟ ସେଣ୍ଟରରେ ନିଯୁକ୍ତି ମିଳିଛି। କେନ୍ଦ୍ର ସରକାରଙ୍କ ଶିକ୍ଷା ଭିତ୍ତିକ ତଥା ରାଜ୍ୟ ସରକାରଙ୍କ ପରିଚାଳିତ ଜିଲାର ଏହି ଏକମାତ୍ର ସଂସ୍ଥାରେ ସେ ତିର୍ତ୍ତୋଲର ବିଧାୟକଙ୍କ ପ୍ରତିନିଧି ଭାବରେ ଦାୟିତ୍ୱ ତୁଲାଇବେ। ଏସମ୍ପର୍କରେ ବିଧାୟକ ଦାସଙ୍କ ସୁପାରିଶ କ୍ରମେ ଜିଲାପାଳଙ୍କ କାର୍ଯ୍ୟାଳୟ ଚିଠି ନଂ-୨୪୦/୧୯ରେ ଜିଲା ନିଯୁକ୍ତି ଅଧିକାରୀଙ୍କୁ ଅବଗତ କରାଯାଇଛି। ଏହି ସରକାରୀ ପ୍ରତିଷ୍ଠାନରେ ମେଧାବୀ ବିଦ୍ୟାର୍ଥୀମାନେ ଆବାସିକ ଭାବରେ ମାଗଣାରେ ବିଭିନ୍ନ ପ୍ରକାର ଟ୍ରେଡ୍‌ରେ ତାଲିମ ନେବାର ସୁବିଧା ରହିଛି। ଏହି ସରକାରୀ ସ୍କିଲ ଡେଭଲପମେଣ୍ଟ ସେଣ୍ଟରରେ କିଭଳି ଭାବରେ ଅଧିକରୁ ଅଧିକ ଗରିବ ତଥା ମେଧାବି ଛାତ୍ରୀଛାତ୍ର ପ୍ରଶିକ୍ଷଣ ନେଇ ସ୍ୱାବଲମ୍ବୀ ହୋଇପାରିବେ ସେଥିପ୍ରତି ଦୃଷ୍ଟି ଦେବେ ବୋଲି ଚୌଧୁରୀ ପ୍ରତିକ୍ରିୟାରେ କହିଛନ୍ତି।

### ରାସ୍ତା ପାର୍ଶ୍ୱରୁ ଅଚେତ ଅବସ୍ଥାରେ ମହିଳା ଉଦ୍ଧାର

**ରଘୁନାଥପୁର, ୧୯। ୯ (ଡି.ଏନ.ଏ.):** କିଶନନଗର ଥାନା କଟକ-ପାରାଦୀପ ରାସ୍ତାର ସୋମପୁର ପୋଲିସ ବିଟ୍ ହାଉସଠାରୁ ଶହେ ମିଟର ଦୂରରେ ଅଚେତ ଅବସ୍ଥାରେ ଏକ ଗଛମୂଳରୁ ଜଣେ ମହିଳାଙ୍କୁ ଗୁରୁବାର ପୋଲିସ ଉଦ୍ଧାର କରିଛି। ତାଙ୍କୁ ଚିକିତ୍ସା ଲାଗି ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଅବସ୍ଥାରେ ଉନ୍ନତି ନ ଆସିବାରୁ ତାଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ପରେ ମହିଳାଙ୍କ ସ୍ୱାମୀ ତାଙ୍କୁ ସାଙ୍ଗରେ ନେଇ ଯାଇଥିଲେ। ଏ ସମ୍ପର୍କରେ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଥାନା ଅଧିକାରୀ ବାମଦେବ ସ୍ୱାଇଁ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ସକାଳୁ ମହିଳା ଅଚେତ ଅବସ୍ଥାରେ ବସିଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ସେ କିଶନନଗର ଅଞ୍ଚଳର ନିଜ ବନ୍ଧୁ ଘରକୁ ୩ ଦିନ ତଳେ ଆସିଥିଲେ।

# ତଳ କୋର୍ଟରେ ଆବେଦନ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**ମହେନ୍ଦ୍ର ସ୍ୱାଇଁ ହତ୍ୟା ମାମଲା**

କଟକ ଅଫିସ, ୧୯।୯

ପାରାଦୀପ ସିୱେଜ୍ ସିପିଂ କମ୍ପାନୀ ପରିଚାଳକ ମହେନ୍ଦ୍ର ସ୍ୱାଇଁ ହତ୍ୟା ଘଟଣାରେ ଶିଳ୍ପପତି ମହିମାନନ୍ଦ ମିଶ୍ରଙ୍କୁ ଗିରଫ କରାଯାଇଥିଲା। ଏ ନେଇ ସେ ହାଇକୋର୍ଟରେ ଜାମିନ ପାଇଁ ଆବେଦନ କରିଥିଲେ। ଏହି ମାମଲାରେ ଗୁରୁବାର ହାଇକୋର୍ଟ ଚୂଡ଼ାନ୍ତ ରାୟ ଶୁଣାଇଛନ୍ତି। ୧୬ଜଣ ସାକ୍ଷୀଙ୍କ ବୟାନ ଶୁଣିବା ପରେ ଜାମିନ ପାଇଁ ତଳକୋର୍ଟରେ ଆବେଦନ କରିବାକୁ ହାଇକୋର୍ଟ ମିଶ୍ରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟ ବିଚାରପତି ଜଷ୍ଟିସ ଦେବବ୍ରତ ଦାଶ ଗତ ଅଗଷ୍ଟ ୧୪ରେ ମାମଲାର ଶୁଣାଣି କରି ରାୟ ସଂରକ୍ଷିତ ରଖିଥିଲେ। ପୂର୍ବରୁ ତଳକୋର୍ଟରେ ମାମଲାର ଶୁଣାଣି ହୋଇ ନ ଥିବାରୁ ଅଦାଲତ ଜାମିନ ଖାରଜ କରିଥିଲେ। ଏବେ ଯଥେଷ୍ଟ ସାକ୍ଷ୍ୟ ଗ୍ରହଣ କରାଯାଇଥିବାବେଳେ ନିମ୍ନ ଅଦାଲତରେ ଜାମିନ ଆବେଦନ କରାଯାଇପାରିବ ବୋଲି ହାଇକୋର୍ଟ ତାଙ୍କ ରାୟରେ ସ୍ପଷ୍ଟ କରି ଏହି ମାମଲାକୁ ଶେଷ କରିଛନ୍ତି।

ସୂଚନାଯୋଗ୍ୟ, ୨୦୧୬ ଅକ୍ଟୋବର ୨୬ରେ ପାରାଦୀପ ସିୱେଜ ସିପିଙ୍ଗ ମ୍ୟାନେଜର ମହେନ୍ଦ୍ର ସ୍ୱାଇଁଙ୍କୁ ଦୁର୍ବୃତ୍ତମାନେ ଗୁଳିକରି ହତ୍ୟା କରିଥିଲେ। ଏ ନେଇ ମହେନ୍ଦ୍ରଙ୍କ ବଡ଼ଭାଇ ରାଜକିଶୋର ସ୍ୱାଇଁ ପାରାଦୀପ ଥାନାରେ ଅଭିଯୋଗ କରିଥିବାବେଳେ ମିଶ୍ରଙ୍କ ସମେତ ଓଡ଼ିଶା ଷ୍ଟିଭେଡର୍ସ ଲିମିଟେଡ୍(ଓଏସ୍ଏଲ୍)ର ଅନ୍ୟ ଅଧିକାରୀଙ୍କ ନାମରେ ଲୁକଆଉଟ୍ ସର୍କୁଲାର ଜାରି ହୋଇଥିଲା। ଏହି ମାମଲାରେ ପୋଲିସ ୧୬ଜଣଙ୍କ ବିରୋଧରେ ଚାର୍ଜଶିଟ୍ ଦାଖଲ କରିଥିବାବେଳେ ଏମାନଙ୍କ ମଧ୍ୟରୁ ୪ଜଣ ଏବେବି ଫେରାର ରହିଛନ୍ତି। ତେବେ ଏହି ଘଟଣାରେ ଶିଳ୍ପପତି ମିଶ୍ରଙ୍କୁ ୨୦୧୬ ଡିସେମ୍ବରରେ ପୋଲିସ ବ୍ୟାଙ୍କକ୍‌ରୁ ଗିରଫ କରିଥିଲା। ପରେ ସେ ଜାମିନ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ୨୦୧୭ ମେ ୧୬ରେ ହାଇକୋର୍ଟ ମିଶ୍ରଙ୍କ ଜାମିନ ମଞ୍ଜୁର କରିଥିଲେ। ମାତ୍ର ହାଇକୋର୍ଟଙ୍କ ଜାମିନ ଆଦେଶ ବିରୋଧରେ ରାଜ୍ୟ ସରକାର ସୁପ୍ରିମକୋର୍ଟକୁ ଯାଇଥିଲେ। ସୁପ୍ରିମକୋର୍ଟ ହାଇକୋର୍ଟ ଦେଇଥିବା ଜାମିନକୁ ଖାରଜ କରି ଦେଇଥିଲେ। ସୁପ୍ରିମକୋର୍ଟରେ ଜାମିନ ଖାରଜ ହେବା ପରେ ମିଶ୍ର ପୁନର୍ବାର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମିଶ୍ରଙ୍କ ପକ୍ଷରୁ ଆଇନଜୀବୀ ଜୟଦୀପ ପାଲ ଏହି ମାମଲା ପରିଚାଳନା କରିଥିଲେ।

## ବିଦ୍ୟାଳୟ ମରାମତି ପାଇଁ ବିଡିଓଙ୍କୁ ଅଭିଯୋଗ

**ତିର୍ତ୍ତୋଲ,୧୯।୯(ଡି.ଏନ.ଏ.):** ତିର୍ତ୍ତୋଲ ବ୍ଲକ ଗୋପାଳପୁର(ଶ) ପଞ୍ଚାୟତ ବିଜିପୁର ନୋଡାଲ ପ୍ରାଥମିକ ବିଦ୍ୟାଳୟରେ ଫନିରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ଏହାର ମରାମତି ପାଇଁ ୨ଲକ୍ଷ ଟଙ୍କାର ଅନୁଦାନ ଆସିଛି। ତେବେ ଏହାର ସଠିକ ବିନିଯୋଗ ପାଇଁ ଦୃଷ୍ଟି ଦେବାକୁ ଗ୍ରାମବାସୀ ବିଡିଓଙ୍କୁ ଅଭିଯୋଗ କରିଛନ୍ତି। କାରଣ ଆଜବେଷ୍ଟସ ଓ ଚଟାଣ ମରାମତି ଠିକ ଭାବରେ ହେଉନଥିବା ସେମାନେ କହିଛନ୍ତି। ଏଥିସହ ପାଚେରି ମରାମତି, ପାଣିଟାଙ୍କି ନିର୍ମାଣ, ଜଳ ନିଷ୍କାସନ ପାଇଁ ଡ୍ରେନେଜ ବ୍ୟବସ୍ଥା କରିବାକ ସେମାନେ ଦାବି କରିଛନ୍ତି। ଗ୍ରାମର ସୁମିତ୍ରା ସେଠୀ, ଘନଶ୍ୟାମ ସେଠୀ, ଗଗନ ବିହାରୀ ଭୋଳ, ତୁଷାର କୁମାର ଜେନା ପ୍ରମୁଖ ୫୦ରୁ ଅଧିକ ବ୍ୟକ୍ତି ଲିଖିତ ଭାବରେ ବିଡିଓ ରଞ୍ଜନ କୁମାର ପରିଡାଙ୍କୁ ଜଣାଇଛନ୍ତି। ଏଥିପ୍ରତି ଦୃଷ୍ଟିଦେବେ ବୋଲି ବିଡିଓ ପ୍ରତିଶ୍ରୁତି ଦେଇଥିବା ଜଣାଯାଇଛି।

# ଏମ୍‌ଜିଏନ୍‌ଆରଇଜିଏସ୍ ସାମାଜିକ ସମୀକ୍ଷା

ବାଲିକୁଦା,୧୯।୯(ସ୍ୱ.ପ୍ର.)

ଅନନ୍ତପୁର ପଞ୍ଚାୟତ କାର୍ଯ୍ୟାଳୟରେ ଏମ୍‌ଜିଏନଆରଇଜିଏସ୍ ସାମାଜିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ସରପଞ୍ଚ ରମେଶ ପାଇଟାଳ, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ସତ୍ୟବ୍ରତ ସେଠୀ, ସହକାରୀ ଯନ୍ତ୍ରୀ ବିଭୁତିଭୂଷଣ ନାୟକ, କନିଷ୍ଠ ଯନ୍ତ୍ରୀ ପ୍ରଶାନ୍ତ ପାଢୀ, ସମିତିସଭ୍ୟ ରମେଶ ପୋଲେଇ, ପଞ୍ଚାୟତ ନିର୍ବାହୀ ଅଧିକାରୀ ନୀଳମଣି ଖଟୁଆ, ଗ୍ରାମ ରୋଜଗାର ସେବକ କୁଏଲ ନାୟକ, ଭିଆରପି ସାବିତ୍ରୀ ସେଠୀ, ବୀଣାପାଣି ଗୋଛାୟତ, ମାଣିକ ବେହେରା ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ କାର୍ଯ୍ୟ ସମୀକ୍ଷା କରିଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କାର୍ଯ୍ୟାଦେଶ ପାଇଥିବା ପଞ୍ଚାୟତର ଶହେ ଜଣ ଯୋଗ୍ୟ ହିତାଧିକାରୀଙ୍କୁ ଘର ତିଆରି ସମ୍ପର୍କରେ ସଚେତନ କରାଯାଇଥିଲା। ୪ ମାସ ମଧ୍ୟରେ ଘର ତିଆରି କାର୍ଯ୍ୟ ଶେଷ କଲେ ୨୦ ହଜାର ଟଙ୍କା ଓ ୬ ମାସ ମଧ୍ୟରେ ନିର୍ମାଣ କାର୍ଯ୍ୟ ଶେଷ କଲେ ୧୦ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ସରକାର ଯୋଗାଇ ଦେବେ ବୋଲି ସୂଚନା ଦିଆଯାଇଥିଲା। ଏଥିସହିତ ଘରର ଡିଜାଇନ ପ୍ରଦର୍ଶିତ ହୋଇଥିଲା। କାର୍ଯ୍ୟାଦେଶ ପାଇବା ପାଇଁ ହେଉ ଅଥବା ବିଲ କରାଇଦେବା ପାଇଁ କାହିରିକୁ ଟଙ୍କାଟିଏ ଲାଞ୍ଚ ନ ଦେବାକୁ ଅତିଥିମାନେ ସଭାରେ କହିଥିଲେ। ଆଲୋକ ସାମଲ, ବାସୁଦେବ ନାୟକ, ଅଶୋକ ବେହେରା, ବିଶ୍ୱଜିତ୍ ସ୍ୱାଇଁ, ଭ୍ରମରବର ବେହେରା, ଉମେଶ ହାତୀ, ବିଚିତ୍ରାନନ୍ଦ ସ୍ୱାଇଁ, ନିମାଇଁ ନାୟକ, ଏମ.ବି.କେ. ଜ୍ୟୋତ୍ସ୍ନାରାଣୀ ପୋଲେଇ, ପ୍ରଣତି ପୋଲେଇ, ରମେଶ ପାତ୍ର, ରବୀନ୍ଦ୍ର ବେହେରା, ବିଭୂତିଭୂଷଣ ପୋଲେଇ, ତପନ ନାୟକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

ଜଗତ୍‌ସିଂହପୁର ଅଫିସ,୧୯।୯

ଜଗତ୍‌ସିଂହପୁର ଜିଲା ଆଇନସେବା ପ୍ରାଧୀକରଣ ପକ୍ଷରୁ ଶ୍ରୀମା ମହିଳା ମହାବିଦ୍ୟାଳୟ ପରିସରରେ ଏସିଡ୍ ଆକ୍ରମଣ ସମ୍ପର୍କରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ଜିଲା ଆଇନସେବା ପ୍ରାଧୀକରଣ ସଚିବ କମଳାକାନ୍ତ ରାଉତ ପୌରୋହିତ୍ୟ କରି ଏସିଡ୍ ଆକ୍ରମଣର ଶିକାର ଲୋକଙ୍କ ପାଇଁ ଥିବା ଆଇନ ଓ କ୍ଷତିପୂରଣ ଉପରେ ବୁଝାଇଥିଲେ। ସେ କହିଲେ ଯେ, ଏସିଡ୍ ଆକ୍ରମଣର ଶିକାର ମହିଳାଙ୍କୁ ପ୍ରାଧିକରଣ ତରଫରୁ ସର୍ବନିମ୍ନ ୩ ଲକ୍ଷ ଓ ସର୍ବାଧିକ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦିଆଯାଉଛି। ଏହା ବ୍ୟତୀତ ପ୍ରଧାନମନ୍ତ୍ରୀ ରିଲିଫ ପାଣ୍ଠିରୁ ମଧ ୧ ଲକ୍ଷ ଟଙ୍କା କ୍ଷତିପୂରଣ ଓ ମାଗଣା ଚିକିତ୍ସା ସୁବିଧା ଯୋଗାଇ ଦିଆଯାଉଛି। ତେଣୁ ପ୍ରାଧୀକରଣକୁ ଏସିଡ୍ ଆକ୍ରମଣ ସମ୍ପର୍କିତ ସୂଚନା ବା ଦରଖାସ୍ତ କରିବାକୁ ପଡିବ। ଏସିଡ୍ ଆକ୍ରମଣ ହେଲେ ସଙ୍ଗେ ସଙ୍ଗେ ପୋଲିସକୁ ସୂଚନା ଦିଆଯିବା ଜରୁରୀ। ତାହା ହେଲେ ସଙ୍ଗେ ସଙ୍ଗେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରିବ। ଏଥିସହ ପ୍ରାଧିକରଣ ସଚିବ ରାଉତ ବିଭିନ୍ନ ଆଇନ ଯଥା କିଶୋର ନ୍ୟାୟ ଓ ବାଧ୍ୟତାମୂଳକ ଶିକ୍ଷାଗତ ଅଧିକାର ଆଇନ, କନ୍ୟା ସନ୍ତାନର ମହତ୍ତ୍ୱ, ପ୍ରାକ ଗର୍ଭଧାରଣ, ପ୍ରାକ୍ ପ୍ରସୂତି ନିଦାନ ଅଧିନିୟମ ଓ ପାରିବାରିକ ହିଂସା ନିରୋଧ ଆଇନ ଆଦି ବିଷୟରେ ଆଲୋଚନା କରିଥିଲେ। ଏଥିରେ ମହାବିଦ୍ୟାଳୟର ଅଧ୍ୟକ୍ଷା ମେଘମାଳା ସ୍ୱାଇଁ, ସରପଞ୍ଚ ଦୀପ୍ତିମୟୀ ରାୟ, କଲେଜ ପରିଚାଳନା କମିଟି ସଦସ୍ୟ ତ୍ରିଲୋଚନ ଆଚାର୍ଯ୍ୟ, ଗୌରାଙ୍ଗ ଚରଣ ମହାପାତ୍ର ଏବଂ ଅନ୍ୟ ଅଧ୍ୟାପକ ଓ ଅଧ୍ୟାପିକାମାନେ ଉପସ୍ଥିତ ଥିଲେ। ଶେଷରେ ଛାତ୍ରୀମାନେ ଏକ କ୍ଷୁଦ୍ର ନାଟକ ପରିବେଷଣ କରିଥିଲେ।

# ବ୍ୟବଚ୍ଛେଦ ରିପୋର୍ଟକୁ ଅପେକ୍ଷା

ଜଗତ୍‌ସିଂହପୁର ଅଫିସ, ୧୯।୯

ଜଗତ୍‌ସିଂହପୁର ଜିଲା ବିରିଡ଼ି ଥାନା ଅନ୍ତର୍ଗତ ବିଲୁଆଖାଇ ନଦୀପଠାରୁ ନର୍ସ ନୀହାରିକା ପାତ୍ରଙ୍କ ମୃତଦେହ ଉଦ୍ଧାର ହେବା ଘଟଣାକୁ ନେଇ ଲାଗିରହିଥିବା ରହସ୍ୟ ଖୁବ୍‌ଶୀଘ୍ର ପର୍ଦ୍ଦାଫାଶ ହେବାକୁଯାଉଛି। ଏହି ମାମଲାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ନୀହାରିକାଙ୍କ ପ୍ରେମିକ ହାଜିପୁରର କିଶୋର ଚନ୍ଦ୍ର ଆଞ୍ଚଲଙ୍କୁ ପୋଲିସ ଦିନେ ଦୁଇଦିନ ମଧ୍ୟରେ ଗିରଫ କରିପାରେ। ବିଶେଷ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, କିଶୋର ତାଙ୍କ ମୋବାଇଲ ଘରେ ଛାଡ଼ି ଯାଇଥିବାରୁ ତାଙ୍କୁ ଠାବ କରିବାରେ ବିଳମ୍ବ ହେଉଛି। ତେବେ ସେ କେଉଁଠି ରହୁଛନ୍ତି ତାହା ପୋଲିସକୁ ସୂଚନା ମିଳିଛି। ତେଣୁ ପୋଲିସ ସେହି ଅଞ୍ଚଳରେ ଛାନଭିନ ଚଳାଇଛି। ଅନ୍ୟପକ୍ଷରେ ନିହାରିକାଙ୍କୁ କଟକ ଅଞ୍ଚଳରେ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ସେଠାରେ ତାଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇ ଏକ ଚୋକଡ଼ ଅଖାରେ ଭର୍ତ୍ତି କରି ବିଲୁଆଖାଇ ନଦୀରେ ଭସାଇ ଦିଆଯାଇଥିବା କୁହାଯାଉଛି। ତେବେ ନିର୍ଦ୍ଦିଷ୍ଟ କେଉଁ ସ୍ଥାନରେ, କିପରି, କେଉଁମାନେ ନୀହାରିକାଙ୍କୁ ହତ୍ୟା କଲେ ତାହା ସ୍ପଷ୍ଟ ହୋଇପାରୁନି। ବୁଧବାର ନିହାରିକାଙ୍କ ମୃତଦେହ ବ୍ୟବଚ୍ଛେଦ ହୋଇଥିଲେ ସୁଦ୍ଧା ଗୁରୁବାର ରିପୋର୍ଟ ମିଳିପାରିନାହିଁ। ଶୁକ୍ରବାର ଏହି ରିପୋର୍ଟ ମିଳିଲା ପରେ କିପରି ହତ୍ୟା କରାଯାଇଥିଲା ତାହା ଜଣାପଡିବ। ସେହିପରି ମୃତଦେହ ନୀହାରିକାଙ୍କର କି ନାହିଁ ତାହା ସ୍ପଷ୍ଟ ହେବା ପାଇଁ ଡିଏନ୍ଏ ପରୀକ୍ଷା କରାଯିବ। ଏନେଇ ବୁଧବାର ନୀହାରିକାଙ୍କ ରକ୍ତ ନମୁନା ସଂଗ୍ରହ ହୋଇଥିଲା। ଶୁକ୍ରବାର ତାଙ୍କ ମା ପ୍ରତିମା ଓ ବାପା ଗଗନଙ୍କ ରକ୍ତ ନମୁନା ସଂଗ୍ରହ ହେବ। ତାହା ପରୀକ୍ଷା ପାଇଁ ଭୁବନେଶ୍ୱରସ୍ଥିତ ଏସ୍ଏଫ୍ଏସ୍ଏଲ୍ (ଷ୍ଟେଟ୍ ଫୋରେନ୍ସିକ୍ ସାଇନ୍ସ ଲାବୋରେଟୋରୀ)କୁ ପଠାଯିବ।

ସୂଚନା ଅନୁଯାୟୀ ନୀହାରିକା କଟକର ଏମ୍ଏମ୍ ନର୍ସିଂହୋମ୍‌ରେ ୨୦୧୪ରୁ ନର୍ସ ଭାବରେ କାମ କରୁଥିଲେ। ଗତ ୮ ତାରିଖ ଅପରାହ୍ନ ୪ଟା ୪୮ରେ କିଶୋର ତାଙ୍କୁ ସେଠାରୁ ସାଙ୍ଗରେ ନେଇଯାଇଥିଲେ। ଏହା ପରଠାରୁ ତାଙ୍କ ମୋବାଇଲ ବନ୍ଦ ଥିଲା।



**ନୀହାରିକା ହତ୍ୟା ମାମଲା**
- ଖୁବଶୀଘ୍ର ଧରାପଡ଼ିବେ ମୁଖ୍ୟ ଅଭିଯୁକ୍ତ
- କଟକ ଅଞ୍ଚଳରେ ହତ୍ୟା କରାଯାଇଥିବା ସନ୍ଦେହ

ଏହାକୁ ନେଇ ପୋଲିସର ସନ୍ଦେହ ବୃଦ୍ଧି ପାଇଛି। କାରଣ ପୂର୍ବରୁ ଅନେକଥର ନୀହାରିକା କିଶୋରଙ୍କ ସହ ଯାଇଥିଲେ ମଧ କେବେ ମୋବାଇଲ ବନ୍ଦ ରଖୁ ନ ଥିଲେ। ଯଦି ତାଙ୍କୁ ହତ୍ୟା କରିବା ପାଇଁ କିଶୋର ଯୋଜନା ପ୍ରସ୍ତୁତ କରିଥିବେ, ତେବେ ମୋବାଇଲ ବନ୍ଦ କରିବାକୁ ବାଧ କରିଥାଇପାରନ୍ତି। ଅନ୍ୟପକ୍ଷରେ ନର୍ସିଂହୋମରୁ ଡକରା ଆସିବାର ସମ୍ଭାବନା ଏଡାଇବା ପାଇଁ ନୀହାରିକା ଜାଣିଶୁଣି ମୋବାଇଲ ବନ୍ଦ କରିଥାଇପାରନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଲା କିଶୋର ୮ ତାରିଖ ରାତିରେ ନିଜ ଗାଁ ହାଜିପୁର କିମ୍ବା ତାଙ୍କ ବାପାଙ୍କ ଢାବାରେ ନ ଥିଲେ। ୯ ତାରିଖରେ ହାଜିପୁରରେ ପହଞ୍ଚିଥିଲେ। ଢାବାକୁ ମଧ ଯାଇଥିଲେ। ସେଦିନ ମଧ ସେ ନିଜ ମୋବାଇଲ ବନ୍ଦ ରଖିଥିଲେ ଓ ଆବଶ୍ୟକ ବେଳେ ଖୋଲୁଥିଲେ ବୋଲି ଜଣାପଡିଛି। ଏହିପରି ୧୨ ତାରିଖ ପର୍ଯ୍ୟନ୍ତ ସେ ଗାଁରେ ରହିଥିବାବେଳେ ବାରମ୍ବାର ମୋବାଇଲ ଖୋଲୁଥିଲେ ଓ ବନ୍ଦ କରୁଥିଲେ। ୧୩ ତାରିଖ ସକାଳୁ ଗାଁରେ ମୋବାଇଲ ରଖି କୁଆଡେ ଚାଲି ଯାଇଥିଲେ। ତା ପରଠାରୁ କିଶୋରଙ୍କ ସନ୍ଧାନ ମିଳୁନି। ଏଥିରୁ ସନ୍ଦେହ କରାଯାଉଛି କିଶୋର ଯୋଜନାବଦ୍ଧ ଭାବରେ ହତ୍ୟା କରିଥାଇପାରନ୍ତି। ନଚେତ ସେ କୌଣସି ଏକ ଅଡୁଆ ପରିସ୍ଥିତିରେ ଫସିଥାଇପାରନ୍ତି ବୋଲି କୁହାଯାଉଛି।

## ସଂକ୍ଷେପରେ

### ନୀଳାଚଳ ସାରସ୍ୱତ ସଂଘର ଗ୍ରାମ ସଫେଇ

**ବାଲିକୁଦା,୧୯।୯(ସ୍ୱ.ପ୍ର.):** ପୁରୀ କେନ୍ଦ୍ର ବୀରତୁଙ୍ଗ ନୀଳାଚଳ ସାରସ୍ୱତ ସଂଘ ବାଲିକୁଦା ଶାଖା ପକ୍ଷରୁ ଗ୍ରାମ୍ୟ ସଫେଇ କରାଯାଇଛି। ବାଲିକୁଦା ଶାଖା ସଂଘ ଆନୁକୂଲ୍ୟରେ ଆସନ୍ତା ଫେବୃୟାରୀରେ ହେବାକୁ ଥିବା ୬୯ତମ ପ୍ରାଦେଶିକ ଭକ୍ତ ସମ୍ମିଳନୀ ଉପଲକ୍ଷେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଜଳସମ୍ପଦ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ ସାମିଲ ହୋଇ ନିଜେ ସଫେଇ କରିଥିଲେ। ବାଲିକୁଦା ବଜାରର ବିଭିନ୍ନ ସ୍ଥାନରେ ପଡିଥିବା ଅଳିଆ ଆବର୍ଜନା ସଫା କରାଯାଇଥିଲା। ଏଥିସହ କେହି ପଲିଥିନ ବ୍ୟବହାର ନ କରିବା ପାଇଁ ସଂଘ ପକ୍ଷରୁ ସଚେତନ କରାଯାଇଥିଲା। ସମିତିସଭ୍ୟ ସୌମ୍ୟଜିତ୍ ମହାପାତ୍ର, ସାମାଜିକ କର୍ମୀ ରାଜକିଶୋର ସାହୁ, ବାଲିକଦା ଶାଖା ସଂଘ ସଭାପତି ସାରଦା ପ୍ରସନ୍ନ ଦାଶ, ସମ୍ପାଦକ କାହ୍ନୁଚରଣ ସାହୁ, ସହସମ୍ପାଦକ ଗଙ୍ଗାଧର ସାହୁ, ଉପସଭାପତି କୃଷ୍ଣଚନ୍ଦ୍ର ଦାସଙ୍କ ସମେତ ସମସ୍ତ କର୍ମକର୍ତ୍ତା ସାମିଲ ହୋଇଥିଲେ। ବସନ୍ତ ସାହୁ, ଅମରନାଥ ପରିଡା, ସତ୍ୟପ୍ରିୟ ବିଶ୍ୱାଳ, ବିକ୍ରମ ମହାନ୍ତି, ସୁଧାଂଶୁ ଶେଖର ଜେନା, ଚନ୍ଦ୍ରମଣି ସାହୁ, ବଂଶୀଧର ସ୍ୱାଇଁ, ନୃସିଂହ ମହାରଣା, ରାମଚନ୍ଦ୍ର ନାଥ, ବିଦ୍ୟାଧର ମହାନ୍ତି, ବନମାଳି ସାହାଣି ପ୍ରମୁଖ ସହଯୋଗ କରିଥିଲେ।

### ନୂତନ ବିଡିଓଙ୍କ ଯୋଗଦାନ

**ବିରିଡ଼ି,୧୯।୯(ଡି.ଏନ.ଏ.):** ବିରିଡ଼ିର ନୂତନ ବିଡିଓ ଭାବେ ବୁଧବାର ଜୀବନ ଚନ୍ଦ୍ର ମଲ୍ଲିକ ଯୋଗଦାନ କରିଛନ୍ତି। ମଲ୍ଲିକ ଏହା ପୂର୍ବରୁ ଗଞ୍ଜାମ ଜିଲା କୁକୁଡାଖଣ୍ଡିରେ ବିଡିଓ ଭାବେ କାର୍ଯ୍ୟ କରୁଥିଲେ। ପୂର୍ବରୁ ସେ ୧୯/୦୮/୨୦୧୫ ରୁ ୧୪/୦୯/୨୦୧୫, ୮/୧୨/୨୦୧୫ ରୁ ୯/୦୫/୨୦୧୬, ୭/୦୯/୨୦୧୮ ରୁ ୧୨/୧୨/୨୦୧୮ ଓ ୧୩/୧୨/୨୦୧୮ ରୁ ୨୦/୦୨/୨୦୧୯ ପର୍ଯ୍ୟନ୍ତ ବିରିଡ଼ିରେ ବିଡିଓ ଭାବେ କାର୍ଯ୍ୟ ତୁଲାଇଥିଲେ। ଏବେ ପୁନର୍ବାର ଏଠାରେ ଯୋଗ ଦେଇଛନ୍ତି। ଏହି ଅବସରରେ ଅଧା ରହିଥିବା ଉନ୍ନୟନ କାର୍ଯ୍ୟ ଖୁବଶୀଘ୍ର ସାରିବାକୁ ପ୍ରାଥମିକତା ଦେବେ ବୋଲି ସେ ପ୍ରକାଶ କରିଛନ୍ତି।

### ବିଜେଡିରେ ଯୋଗଦେଲେ ଭାଜପା ନେତା

**କୁଜଙ୍ଗ,୧୯।୯(ସ୍ୱ.ପ୍ର.):** ସ୍ଥାନୀୟ ବାଲିତୁଠ ମଣ୍ଡଳର କେତେଜଣ ପ୍ରମୁଖ ଭାଜପା ସଂଗଠକ ବିଜେଡିରେ ସାମିଲ ହୋଇଛନ୍ତି। ଏରସମାରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଜଳସମ୍ପଦ ମନ୍ତ୍ରୀ ରଘୁନନ୍ଦନ ଦାଶ, ବିଜେଡି ଜିଲା ପର୍ଯ୍ୟବେକ୍ଷକ ଦେବାଶିଷ ସମାନ୍ତରାୟ, ବିଧାୟକ ପ୍ରଶାନ୍ତ କୁମାର ମୁଦୁଲିଙ୍କ ଉପସ୍ଥିତିରେ ଭାଜପା ସଙ୍ଗଠକ ରଶ୍ମୀରଞ୍ଜନ ଖୁଣ୍ଟିଆ, ସରୋଜ କୁମାର ତ୍ରିପାଠୀ, ଦିଲୀପ କୁମାର ବର୍ଦ୍ଧନ ପ୍ରମୁଖ ଦଳ ଛାଡ଼ି ବିଜେଡିରେ ମିଶିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କାର୍ଯ୍ୟରେ ପ୍ରଭାବିତ ହୋଇ ସେମାନେ ଏଭଳି ପଦକ୍ଷେପ ନେଇଥିବା ରଶ୍ମି ସୂଚନା ଦେଇଛନ୍ତି।

■ ଯୋଜନାରେ ଅଟକିଛି ଏମ୍‌ଏସ୍‌ଏମ୍‌ଇର ଶୁଖୁଆ କ୍ଲଷ୍ଟର

# ୯.୮୦ କୋଟି ଟଙ୍କା ଫେରିଯିବା ଆଶଙ୍କା

**ପାରାଦୀପ,୧୯।୯(ସ୍ୱ.ପ୍ର.)**



■୮ ବର୍ଷ ହେଲା ପ୍ରକଳ୍ପ ପାଇଁ ଚାଲିଛି ଉଦ୍ୟମ
■ହସ୍ତାନ୍ତର ହୋଇପାରିନି ଜମି
■ନିରାଶ ହେଲେଣି ୨୨ ଉଦ୍ୟୋଗୀ

ପାରାଦୀପରେ ଶୁଖୁଆ ପ୍ରକ୍ରିୟାକରଣ କେନ୍ଦ୍ର (କ୍ଲଷ୍ଟର) ହେବ। ସାମୁଦ୍ରିକ ମାଛକୁ ଶୋଧନ ପ୍ରଣାଳିରେ ଶୁଖୁଆ କରାଯାଇ ବିଦେଶକୁ ରପ୍ତାନୀ କରାଯିବ। ଏହା ଦ୍ୱାରା ବେକାର ଯୁବକମାନେ କ୍ଷୁଦ୍ର ଉଦ୍ୟୋଗ କରି ରୋଜଗାରକ୍ଷମ ହେବେ। ସେହିପରି ଟ୍ରଲରରେ ଆସୁଥିବା 'ସି' ଓ 'ଡି' ଗ୍ରେଡ୍‌ର ମାଛର ମୂଲ୍ୟ ମଧ୍ୟ ବୃଦ୍ଧି ପାଇବ। ବର୍ତ୍ତମାନ ମାଛରେ ଯେଉଁ ଫର୍ମାଲିନ କେମିକାଲ ମିଶାଯାଇ ଶୁଖୁଆ କରାଯାଉଛି, ତାହା ଆଉ ହେବ ନାହିଁ। ଶୁଖୁଆ ତିଆରି ବେଳେ ଯେଉଁ ପ୍ରଦୂଷଣ ହେଉଛି ତାହା ମଧ୍ୟ ରୋକାଯାଇପାରିବ। ୨୦୧୨ରେ ଏମିତି ଅନେକ ସ୍ୱପ୍ନ ଦେଖାଇଥିଲେ ତତ୍କାଳୀନ ଏମଏସ୍‌ଏମଇ(ଅଣୁ କ୍ଷୁଦ୍ର ମଧ୍ୟମ ଉଦ୍ୟୋଗ) ବିଭାଗର ତତ୍କାଳୀନ ସଚିବ ପଞ୍ଚାନନ ଖଟେଇ। ଏପରିକି ଗତ ୮ ବର୍ଷ ମଧ୍ୟରେ ଏ ସମ୍ପର୍କରେ ବିଭାଗ ପକ୍ଷରୁ ଏକାଧିକ ସମୀକ୍ଷା କରାଯାଇଛି। ୨୦୧୪ରେ ତତ୍କାଳୀନ ବିଧାୟକ ଦାମୋଦର ରାଉତ ସେହି ବିଭାଗର ମନ୍ତ୍ରୀ ଥିବାବେଳେ ମଧ୍ୟ ଏକାଧିକ ଥର ଶୁଖୁଆ କ୍ଲଷ୍ଟର ପ୍ରସଙ୍ଗ ଆଲୋଚନା ହୋଇଛି। କିନ୍ତୁ ବିଡ଼ମ୍ବନାର ବିଷୟ ଏପର୍ଯ୍ୟନ୍ତ ପାରାଦୀପରେ ଏମଏସଏମ୍‌ଇ ପକ୍ଷରୁ ଶୁଖୁଆ କ୍ଲଷ୍ଟର ହୋଇପାରିଲା ନାହିଁ।

ପାରାଦୀପର ପାନ୍ଥନିବାସଠାରେ ବୁଧବାର ଏନେଇ ପୁଣି ଏକ ସମୀକ୍ଷା ବୈଠକ ହୋଇଛି। ଏଥିରେ କୁହାଯାଇଛି ଯେ, ଆସନ୍ତା ୩ ମାସ ମଧ୍ୟରେ କ୍ଲଷ୍ଟର କାର୍ଯ୍ୟ ଆରମ୍ଭ ହେବ। ଏହା ନ ହେଲେ କ୍ଲଷ୍ଟର ପାଇଁ କେନ୍ଦ୍ରରୁ ଆସିଥିବା ୯ କୋଟି ୮୦ ଲକ୍ଷ୍ୟ ଟଙ୍କା ଫେରିଯିବାର ଆଶଙ୍କା ରହିଛି। ଅନ୍ୟପକ୍ଷରେ ପାରାଦୀପରେ ପୂର୍ବବତ୍ ମାଛରେ ବହୁଳ ମାତ୍ରାରେ ଫର୍ମାଲିନ୍ କେମିକାଲ ମିଶାଯାଇ ଶୁଖୁଆ ପ୍ରସ୍ତୁତ କରାଯାଉଛି। ଚିଙ୍ଗୁଡି କାରଖାନାରୁ ବାହାରୁଥିବା ଚୋପାକୁ ସମୁଦ୍ର କୂଳରେ ଖୋଲାରେ ପକାଯାଇ କୁକୁଡ଼ା ଖାଦ୍ୟ କରାଯାଉଛି। ଏ ସମ୍ପର୍କରେ ଏମଏସ୍‌ଏମଇର (କେନ୍ଦ୍ରୀୟ) ସହକାରୀ ନିର୍ଦ୍ଦେଶକ ସରୋଜ କୁମାର ରଥ କୁହନ୍ତି, କ୍ଲଷ୍ଟର ପାଇଁ ଆବଶ୍ୟକ ୫ ଏକର ଜାଗା ଏପର୍ଯ୍ୟନ୍ତ ହସ୍ତାନ୍ତର ହୋଇନାହିଁ। ବିଭାଗର ନିୟମ ମୁତାବକ ପ୍ରକଳ୍ପ ମୂଲ୍ୟ ୯.୮୦ କୋଟି ଟଙ୍କାରୁ ୧୦ ପ୍ରତିଶତ ଅର୍ଥ ଉଦ୍ୟୋଗଗୁଡିକ ପ୍ରଥମେ ବିନିଯୋଗ କରିବା କଥା। ସେହି ୧୦ପ୍ରତିଶତ ଅର୍ଥ ୯୦ ଲକ୍ଷ ଟଙ୍କାରେ ସେମାନେ ଜମି କିଣି ପ୍ରାଥମିକ କାମ କରିବା କଥା। ବିଭାଗ ପକ୍ଷରୁ ମିଳିବାକୁ ଥିବା ଅର୍ଥ କେବଳ ମେଶିନ୍ ଓ ଅନ୍ୟ ଉପକରଣ ପାଇଁ ଯୋଗାଇ ଦିଆଯିବ। ଏହି ପ୍ରକଳ୍ପ ପାଇଁ ୨୨ଜଣ ଉଦ୍ୟୋଗୀ ଆବେଦନ କରିଛନ୍ତି। ସେହି ୨୨ଜଣଙ୍କୁ ନେଇ ପାଖରେ ତ୍ରିଲୋଚନପୁର ଗ୍ରାମ ସୀମାରେ ଜମି ଚିହ୍ନଟ ହୋଇଛି। କିନ୍ତୁ ତାହାକୁ ଏସ୍‌ପିଭି ଏପର୍ଯ୍ୟନ୍ତ କିଣିନାହିଁ। ଏଥିପାଇଁ ପ୍ରକଳ୍ପ କାମ ବିଳମ୍ବ ହେଉଛି ବୋଲି ସେ କହିଛନ୍ତି।

ଏମଏସ୍‌ଏମଇ ପକ୍ଷରୁ ୨୦୧୬ ଜୁନ୍ ୨୮ରେ କରାଯାଇଥିବା ସର୍ଭେ ରିପୋର୍ଟରୁ ମିଳିଥିବା ସୂଚନା ଅନୁସାରେ ପାରାଦୀପରେ ୩୭୪ ଜଣ ଶୁଖୁଆ ପ୍ରକ୍ରିୟାକରଣ ବ୍ୟବସାୟୀ ଅଛନ୍ତି। ସେମାନେ ବର୍ଷକୁ ୧୮୭.୬୦ ମେଟ୍ରିକଟନ୍ ଶୁଖୁଆ ଉତ୍ପାଦନ କରୁଛନ୍ତି। ଏ ବାବଦରେ ବାର୍ଷିକ କାରବାର ୩୭.୦୪ କୋଟି ଟଙ୍କା ହେଉଛି। ଉକ୍ତ ଶୁଖୁଆ କେରଳର କୋଚିନ୍, ଆସାମ ଓ ବାଂଲାଦେଶକୁ ରପ୍ତାନୀ କରାଯାଏ। ଶୁଖୁଆ ପ୍ରସ୍ତୁତିକାରୀଙ୍କ ସମସ୍ୟା ହେଲା ସେମାନଙ୍କୁ ବୈଷୟିକ ତାଲିମ ମିଳିନାହିଁ। ସରକାରୀ ପ୍ରୋତ୍ସାହନ ନାହିଁ। ଶୁଖୁଆ ପ୍ରକ୍ରିୟାକରଣରେ ନିର୍ଗତ ଅପରିଷ୍କାର ପାଣି ନିଷ୍କାସନ ପାଇଁ ଡ୍ରେନ୍ ନାହିଁ। ସାଧାରଣତଃ ମାଛକୁ ଧୂଆଯାଉ ନାହିଁ। ପ୍ରଦୂଷଣ ମଧ୍ୟ ଯାଞ୍ଚ ହେଉନି। ଖାଦ୍ୟ ନିରୀକ୍ଷକଙ୍କ ପକ୍ଷରୁ କେବେ ଯାଞ୍ଚ କରାଯାଇନାହିଁ। ସେହିପରି ମାର୍କେଟିଙ୍ଗ ପାଇଁ ସୁବିଧା ନାହିଁ। ଏମ୍‌ଏସ୍‌ଏମଇ ପକ୍ଷରୁ କ୍ଲଷ୍ଟର କରାଗଲେ ଏସବୁ ସମସ୍ୟା ଦୂର ହୋଇପାରିବ। ପାରାଦୀପରେ ପ୍ରମୁଖ ଶୁଖୁଆ ପ୍ରସ୍ତୁତି ସ୍ଥାନ ହେଲା ଅଠରବାଙ୍କୀ ଲକ୍‌ପଡ଼ା, ଶୁଖୁଆଖଳା, ରାଇସମିଲ୍ ପାଖ ବସ୍ତି ଓ ଷଣ୍ଢକୁଦ ବସ୍ତି। କେବଳ ଷଣ୍ଢକୁଦକୁ ବାଦ୍‌ଦେଲେ ଅନ୍ୟ ସବୁ ସ୍ଥାନ ପାରାଦୀପ ପ୍ରବେଶ ପଥରେ ରହିଛି। ପାରାଦୀପକୁ ପ୍ରବେଶ ଓ ପ୍ରସ୍ଥାନ ବେଳେ ଶୁଖୁଆ ଗନ୍ଧରେ ଲୋକଙ୍କ ନାକ ଚୁଣ୍ଟି ହୋଇଯାଉଛି। ଅନ୍ୟପକ୍ଷରେ ଫର୍ମାଲିନ୍ କେମିକାଲ ବ୍ୟବହାର ଉପରେ ମତ୍ସ୍ୟ ବିଭାଗ ୨୦୧୪ରୁ ନିଷେଧାଦେଶ ଜାରି କରିଥିଲେ ମଧ୍ୟ ତାହା ବନ୍ଦ ହେଉନାହିଁ। କେମିକାଲ ମିଶା ଶୁଖୁଆ ଖାଉଥିବା ଲୋକ ନିଜ ଅଜାଣତରେ ଦୁରାରୋଗକୁ ଆପଣାଉଛନ୍ତି। ଏମିତି ସ୍ଥିତିରେ ପାରାଦୀପର ଶୁଖୁଆ କ୍ଲଷ୍ଟର ହେବା ଅନିଶ୍ଚିତତାରେ ରହିଛି। ଶୁଖୁଆ ଶିଳ୍ପ କରି ଯେଉଁମାନେ ରୋଜଗାରକ୍ଷମ ହେବେ ବୋଲି ଆଶା କରୁଥିଲେ, ସେମାନଙ୍କ ଆଶା ଅଧୁରା ହେବାକୁ ବସିଛି।

### ଗ୍ରାମ୍ୟ ବିବାଦରୁ ୨୪ ଘଣ୍ଟା ବିଳମ୍ବରେ ହେଲା ଶବଦାହ

**ଏରସମା,୧୯।୯(ସ୍ୱ.ପ୍ର.)**

ଏରସମା ଥାନା ନୂଆଡିହି ପଞ୍ଚାୟତ ଦଶିପୁର ଗ୍ରାମରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ୪ ବର୍ଷ ତଳେ ଘଟିଥିବା ଏକ ହତ୍ୟାକାଣ୍ଡ ବିବାଦକୁ ନେଇ ଗୁରୁବାର ଜଣେ ବୃଦ୍ଧଙ୍କ ମୃତଦେହ ସତ୍କାର ବାଧାପ୍ରାପ୍ତ ହୋଇଛି। ସୂଚନା ଅନୁଯାୟୀ, ପୂର୍ବତନ ସମିତି ସଭ୍ୟ ରଞ୍ଜନ ସ୍ୱାଇଁ ହତ୍ୟାକାଣ୍ଡକୁ ନେଇ ଦୀର୍ଘ ୪ବର୍ଷ ହେଲା ଏହି ଗ୍ରାମରେ ବିବାଦ ରହିଛି। ଏଥିଯୋଗୁ ଅଭିଯୁକ୍ତ ୬ ପରିବାର ଗାଁ ଛାଡି ଅନ୍ୟତ୍ର ରହୁଛନ୍ତି। ମାତ୍ର ଅଭିଯୁକ୍ତ ଶ୍ୟାମସୁନ୍ଦର ସ୍ୱାଇଁଙ୍କ ବାପା ବାବାଜୀ ସ୍ୱାଇଁ ସେହି ଗ୍ରାମରେ ରହୁଥିଲେ। ବୁଧବାର ମଧ୍ୟାହ୍ନରେ ତାଙ୍କର ମୃତ୍ୟୁ ଘଟିଥିଲା। ବାହାରେ ରହୁଥିବା ତାଙ୍କ ପରିବାର ଲୋକେ ଗାଁକୁ ଆସି ଶବଦାହ କରିବା ପାଇଁ ଉଦ୍ୟମ କରିବାରୁ ଗ୍ରାମବାସୀ ବିରୋଧ କରିଥିଲେ। ତେଣୁ ବୁଧବାର ମୃତଦେହ ସତ୍କାର ହୋଇପାରି ନ ଥିଲା। ଗୁରୁବାର ଏରସମା ଥାନା ଆଇଆଇସି ପ୍ରଶାନ୍ତ କୁମାର ମାଝି ସଦଳବଳ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲେ। ଅଭିଯୁକ୍ତ ପରିବାର ଗାଁ ଛାଡି ଅନ୍ୟତ୍ର ରହିବେ ବୋଲି ସ୍ଥିର ହେବା ପରେ ୨୪ ଘଣ୍ଟା ବିଳମ୍ବରେ ବୃଦ୍ଧଙ୍କ ଅନ୍ତିମ ସତ୍କାର ହୋଇଥିଲା।



ରଘୁନାଥପୁର ଭାଜପା ପକ୍ଷରୁ ପ୍ଲାଷ୍ଟିକ ବର୍ଜନ ନିମନ୍ତେ କରାଯାଇଥିବା ଶୋଭାଯାତ୍ରା।

## ଭାଜପା ପକ୍ଷରୁ ପ୍ଲାଷ୍ଟିକ ମୁକ୍ତ ସଚେତନତା

**ରଘୁନାଥପୁର, ୧୯।୯ (ଡି.ଏନ.ଏ.)**

ରଘୁନାଥପୁର ବ୍ଲକ ଭାଜପା ସଙ୍ଗଠନ ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନକୁ ସେବା ସପ୍ତାହ ଭାବେ ପାଳନ ଅବସରରେ ପ୍ଲାଷ୍ଟିକ ମୁକ୍ତ ଭାରତ ଗଠନ ଉପରେ ପ୍ରାଧାନ୍ୟ ଦିଆଯିବା ସହ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା। ଗୁରୁବାର ସ୍ଥାନୀୟ ମଦନମୋହନ ମଠ ପରିସରରେ ଆୟୋଜିତ ସଭାରେ ପୂର୍ବତନ ଏମ୍‌ପି ତଥା ଭାଜପା ନେତା ବିଭୁ ପ୍ରସାଦ ତରାଇ ଅତିଥି ଭାବେ ଯୋଗ ଦେଇ ପ୍ରତ୍ୟେକ କର୍ମୀ ପ୍ଲାଷ୍ଟିକର କୁପ୍ରଭାବ ସମ୍ପର୍କରେ ଅଞ୍ଚଳର ଜନସାଧାରଣଙ୍କୁ କହିଥିଲେ। ମଣ୍ଡଳ ସଭାପତି ସୁବାସ ଜେନା ଓ ଜଇପୁର ମଣ୍ଡଳ ସଭାପତି ଅଶୋକ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସଭାରେ ଜିଲା ସମ୍ପାଦକ ବିଜୟ ଦାସ, ହରିହର ବେହେରା, ଜିଲା ପରିଷଦ ସଭ୍ୟ ଅଶୋକ କୁମାର ମହାରଣା, ମହିଳା ମୋର୍ଚ୍ଚା ସଭାନେତ୍ରୀ କାମିନୀ ମହାପାତ୍ର ଓ ସମ୍ପାଦିକା ସସ୍ମିତା ପୋଥାଳ ପ୍ରମୁଖ ଯୋଗ ଦେଇଥିଲେ। ସ୍ୱଚ୍ଛତା, ଯୋଗ, ବୃକ୍ଷରୋପଣ, ପ୍ରତି ୱାର୍ଡରେ ପ୍ଲାଷ୍ଟିକ ଜାତ ପଦାର୍ଥର ବ୍ୟବହାର ନିଷେଧ କରିବାକୁ ପରାମର୍ଶ ରଖିଥିଲେ। ଏହି ଅବସରରେ ଏକ ସଚେତନତା ରାଲି ମଠ ପରିସରରୁ ବାହାରି ଥାନା ଛକ ଦେଇ ମେଡିକାଲ ପର୍ଯ୍ୟନ୍ତ ଆସିଥିଲା। ପରେ ମେଡିକାଲରେ ଥିବା ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା। ଶେଷରେ ମୋଦିଙ୍କ ସ୍ୱପ୍ନକୁ ସାକାର କରିବା ଲକ୍ଷ୍ୟ ରଖି ଉପସ୍ଥିତ ଶତାଧିକ କର୍ମକର୍ତ୍ତା ଶପଥ ନେଇଥିଲେ।

## ଅତ୍ୟାଧୁନିକ ଡାକ୍ତରଖାନା ଖୋଲିବାକୁ ଦାବିପତ୍ର

**ରାହାମା,୧୯।୯(ଡି.ଏନ୍.ଏ)**


ମନ୍ତ୍ରୀ ରଘୁନନ୍ଦନ ଦାସଙ୍କୁ ସ୍ଥାନୀୟ ଲୋକେ ଦାବିପତ୍ର ଦେଉଛନ୍ତି।

କୁଜଙ୍ଗ ବ୍ଲକ୍ ରାହାମା ହାଟ ବଜାରଠାରେ ଏକ ଅତ୍ୟାଧୁନିକ ଡାକ୍ତରଖାନା ପ୍ରତିଷ୍ଠା କରିବାକୁ ଦାବି ହେଉଛି। ଏନେଇ କୁଜଙ୍ଗ, ତିର୍ତ୍ତୋଲ, ଏରସମା ଓ କେନ୍ଦ୍ରାପଡ଼ା ଜିଲାର ଗରଦପୁର, ମାର୍ଶାଘାଇ ବ୍ଲକର ୭୦ ପଞ୍ଚାୟତର ୧୦ ହଜାର ଲୋକଙ୍କ ଦସ୍ତଖତ ସମ୍ବଳିତ ଏକ ଦାବିପତ୍ର ରାଜ୍ୟ ଜଳସମ୍ପଦ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାଶଙ୍କୁ ପ୍ରଦାନ କରାଯାଇଛି। ଏଥିସହ ଏମ୍‌ପି ଡା. ରାଜଶ୍ରୀ ମଲ୍ଲିକଙ୍କୁ ମଧ୍ୟ ଦାବିପତ୍ର ଦିଆଯାଇଛି। ଉଭୟ ମନ୍ତ୍ରୀ ଓ ଏମ୍‌ପି ଉକ୍ତ ଦାବିପତ୍ର ଗ୍ରହଣ କରିବା ସହ ସ୍ୱାସ୍ଥ୍ୟମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ଜିଲା ପ୍ରଶାସନକୁ ଏନେଇ ସୁପାରିଶ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପ୍ରତାପ ଚନ୍ଦ୍ର ସ୍ମାରକୀ ସ୍ୱାସ୍ଥ୍ୟକେନ୍ଦ୍ରର ସମ୍ପାଦକ ପ୍ରତାପ ଚନ୍ଦ୍ର ମହାନ୍ତି, କୁଜଙ୍ଗ ବ୍ଲକ ବିଜେଡି କାର୍ଯ୍ୟକାରୀ ସଭାପତି ଅଜୟ ସାହୁ, ସୁନାକର ବେହେରା, ରବିନାରାୟଣ ସାହୁ, ସାଇଲୋ ସରପଞ୍ଚ ରୋଜାଲିନ୍ ମହାପାତ୍ର, ତାଳପଡ଼ା ସରପଞ୍ଚ ମମତା ସାହୁ, କାଠକୋଟ ସରପଞ୍ଚ ମିହିର ରଞ୍ଜନ ପଟ୍ଟନାୟକ, ହଂସୁରା ସରପଞ୍ଚ ସ୍ମୃତିରେଖା ସ୍ୱାଇଁ, ବାଲିକଣୀ ସରପଞ୍ଚ ଜ୍ଞାନ ଚୌଧୁରୀ, ବଣିତୋ ସରପଞ୍ଚ ସଞ୍ଜୟ ଷଡ଼ଙ୍ଗୀ, ରାହାମା ବଜାର କମିଟି ସଭାପତି ଜଟାଧାରୀ ଦାସ, ସାଇଲୋ ସେବା ସମବାୟ ସମିତି ସଭାପତି ଭିକାରୀ ଚରଣ ସେନାପତି, ରାହାମା ପ୍ରେସ୍‌କ୍ଲବ ସଭାପତି ମାନସ ମହାନ୍ତି, ସମ୍ପାଦକ ଶ୍ରୀକାନ୍ତ ଦାସ, ପୂର୍ବତନ ସରପଞ୍ଚ ବ୍ରଜକିଶୋର ମହାରାଜ, ନୁହାଡି ସରପଞ୍ଚ ସବିତା ରାଉତ, ପୋତାନଇ ସରପଞ୍ଚ ମଧୁସ୍ମିତା ସେଠୀ, ମହିଳା ମହାସଂଘ ସଭାନେତ୍ରୀ ମନୋରମା ମହାପାତ୍ର ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିଲେ।

## ଅଗପାଳରେ ୨୦ ପରିବାର ଜଳବନ୍ଦୀ

**କୁଜଙ୍ଗ,୧୯।୯(ସ୍ୱ.ପ୍ର)**

କୁଜଙ୍ଗ ବ୍ଲକ୍ ଅଗପାଳ ଗ୍ରାମରେ ଉଦ୍‌ବୃତ୍ତ ବର୍ଷାଜଳ ନିଷ୍କାସନ ସମସ୍ୟା ଲାଗି ରହିଛି। ଏଥିଯୋଗୁ ଗ୍ରାମବାସୀଙ୍କ ସହ ଅଗପାଳ ହାଇସ୍କୁଲର ଛାତ୍ରୀଛାତ୍ରମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ହାଇସ୍କୁଲ ପଛପଟରେ ଥିବା ୨୦ ପରିବାର ବର୍ଷା ଛାଡିଯିବାର ଏକ ସପ୍ତାହ ପରେ ମଧ୍ୟ ଜଳ ବନ୍ଦୀ ରହିଛନ୍ତି। ଏହି ପରିବାରର ଲୋକେ ପାଣିରେ ପଶି ଯିବା ଆସିବା କରୁଛନ୍ତି ବୋଲି ସାମାଜିକ କର୍ମୀ ପ୍ରଶାନ୍ତ ସାହୁ, ସୁଦର୍ଶନ ବେହେରା, ଜ୍ୟୋତ୍ସ୍ନାମୟୀ ହାତୀ, ସକେଇ ମହାପାତ୍ର, ବାବୁଲି ଦାସ, କୁଞ୍ଜ ଦାସ, ନିତ୍ୟାନନ୍ଦ ସେଠୀ ପ୍ରମୁଖ ଡ୍ରେନେଜ୍ ବିଭାଗକୁ ଅବଗତ କରାଇଥିଲେ। ମାତ୍ର ଏନେଇ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବା ସେମାନେ କହିଛନ୍ତି। କେତକ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଜଳ ନିଷ୍କାସନ ପଥ ଅବରୋଧ କରିଥିବା ସେମାନେ କହିଛନ୍ତି।

## ପ୍ଲାଷ୍ଟିକ ମୁକ୍ତ ଓଡ଼ିଶା ଗଠନ ପାଇଁ ସଚେତନତା

**ଏରସମା,୧୯।୯(ସ୍ୱ.ପ୍ର.)**

ପ୍ଲାଷ୍ଟିକ ମୁକ୍ତ ଓଡ଼ିଶା ଗଠନ ପାଇଁ ଗୁରୁବାର ଭାଜପା ପକ୍ଷରୁ ସଚେତନତା ପଦଯାତ୍ରା ଓ ବଜାର ସଫେଇ କରାଯାଇଛି। ଭାଜପା ନେତା ସଞ୍ଜୟ ମହାନ୍ତିଙ୍କ ନେତୃତ୍ୱରେ ଶତାଧିକ କର୍ମୀ ପଦଯାତ୍ରାରେ ଏରସମା ବଜାର ପରିକ୍ରମା କରି ପ୍ଲାଷ୍ଟିକ ମୁକ୍ତ ଓଡିଶା ଗଠନ ପାଇଁ ସ୍ଲୋଗାନ ଦେଇ ସଚେତନତା ସୃଷ୍ଟି କରିଥିଲେ। ଭାଜପା ଓବିସି ମୋର୍ଚ୍ଚା ରାଜ୍ୟ ଉପସଭାପତି ନୃସିଂହ ସାହୁ, ଜିଲା ଉପସଭାପତି ନିର୍ଲିପ୍ତ ଜେନା, ସାଧାରଣ ସମ୍ପାଦକ ମୋହିତ ମହାନ୍ତି, ଜିଲା କୃଷକ ମୋର୍ଚ୍ଚା ସଭାପତି ତପନ ବେହେରା, ଏରସମା ମଣ୍ଡଳ ସଭାପତି ପବିତ୍ର ଛାଟୋଇ, ଏରସମା ମଣ୍ଡଳ ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦିକା ଅନିତା ସ୍ୱାଇଁ , ବାଲିକୁଦା-ଏରସମା ଯୁବ ମୋର୍ଚ୍ଚା ପ୍ରଭାରୀ ସୁଶାନ୍ତ ସ୍ୱାଇଁ, ଏରସମା ଯୁବ ମୋର୍ଚ୍ଚା ସଭାପତି ସର୍ବେଶ୍ୱର ମାଝି ପ୍ରମୁଖ ଏଥିରେ ସାମିଲ ହୋଇଥିଲେ। ସେମାନେ ତହସିଲ, ବସ୍‌ଷ୍ଟାଣ୍ଡ, ମହିମା ଆଶ୍ରମ ରାସ୍ତା, ଗାନ୍ଧୀ ଛକ, ମାଛ ବଜାର ସଫେଇ କରିଥିଲେ।


ଭାଜପା କର୍ମକର୍ତ୍ତାମାନେ ରାସ୍ତା ସଫେଇ କରୁଛନ୍ତି।

■ କଣ୍ଟ୍ରାକ୍ଟରଙ୍କ ମନମାନି ଯୋଗୁ ଅଡୁଆରେ ଡିଲର

# ସାମଗ୍ରୀ ନ ପାଇ ଡିଲରଙ୍କୁ ଘେରିଲେ ପଡ଼ିକାର୍ଡଧାରୀ

**ରଘୁନାଥପୁର, ୧୯।୯ (ଡି.ଏନ.ଏ.)**

ରଘୁନାଥପୁର ବ୍ଲକ ପୁରୁଣାବସନ୍ତ ପଞ୍ଚାୟତ ଦେଉଳସାହି ସ୍ଥିତ ଡିଲର ପଏଣ୍ଟରେ ଗୁରୁବାର ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି। ରାଶନ ସାମଗ୍ରୀ ପାଇଁ ଡ୍ରାଫ୍ଟ କରିବା ପରେ ମଧ୍ୟ ଦାୟିତ୍ୱରେ ଥିବା ଲେବଲ-୨ କଣ୍ଟ୍ରାକ୍ଟରଙ୍କ ମନମାନି ଯୋଗୁ ଅଡୁଆରେ ପଡିଛନ୍ତି ଡିଲର। ଠିକ୍ ସମୟରେ ଚାଉଳ, ଗହମ ଯୋଗାଇ ନ ପାରିବାରୁ ପଡିକାର୍ଡଧାରୀଙ୍କ ରୋଷର ଶିକାର ହୋଇଥିଲେ ଡିଲର। ଏପରିକି ଡିଲର ପଏଣ୍ଟରେ ହୋହଲ୍ଲା କରିବା ସହ ଦୀର୍ଘ ସମୟ ପର୍ଯ୍ୟନ୍ତ ଡିଲରଙ୍କୁ ଘେରାଉ କରି ରଖିଥିଲେ ପଡିକାର୍ଡଧାରୀ। ମା' ସିଦ୍ଧେଶ୍ୱରୀ ସରକାରୀ ସୁଲଭ ମୂଲ୍ୟ ଦୋକାନର ଡିଲର ଦୁର୍ଗାଚରଣ ସାହୁଙ୍କ ଅଭିଯୋଗ ଅନୁଯାୟୀ, ଅଗଷ୍ଟ ୨୨ ରେ ରାଶନ ସାମଗ୍ରୀ ପାଇଁ ଟଙ୍କା ଡ୍ରାଫ୍ଟ ଆକାରରେ ଜମା କରିଥିଲେ। ଏକାକାଳୀନ ଦୁଇମାସର ସାମଗ୍ରୀ ଦାୟିତ୍ୱରେ ଥିବା ଲେବୁଲ ୨ କଣ୍ଟ୍ରାକ୍ଟର ସୌଭାଗ୍ୟ କୁମାର ହୋତା ଡିଲର ପଏଣ୍ଟକୁ ପଠାଇବା କଥା। ଆଖପାଖ ସମସ୍ତ ଡିଲର ପଏଣ୍ଟକୁ ୮ଦିନ ତଳୁ ରାଶନ ସାମଗ୍ରୀ ପଠା ହୋଇଥିଲା। ଲୋକେ ରାଶନ ସାମଗ୍ରୀ ନେଇ ସାରିଥିବା ବେଳେ ଅଦ୍ୟାବଧି ଦେଉଳିସାହି ପଏଣ୍ଟକୁ ପଠାଉ ନାହାନ୍ତି। ଫଳରେ ପଡିକାର୍ଡଧାରୀ ଡିଲର ସାହୁଙ୍କ ଉପରେ ସନ୍ଦେହ ପ୍ରକଟ କରି ଘେରାଉ କରିଥିବା ସେ ପ୍ରକାଶ କରିଛନ୍ତି। ଏପରିକି ଗତ ୯ ମାସ କାଳ କଣ୍ଟ୍ରାକ୍ଟର ସାହୁଙ୍କୁ ହଇରାଣ କରିବା, ଜାଣିଶୁଣି ବିଳମ୍ବରେ ସାମଗ୍ରୀ ପଠାଉଥିବା ଅଭିଯୋଗ କରିଛନ୍ତି। ସରକାରୀ ଭାବେ କଣ୍ଟା ଟଙ୍କା ଦେବାର ନିୟମ ନାହିଁ। ହେଲେ କଣ୍ଟ୍ରାକ୍ଟର ଦାବି କରିବା ଏବଂ ବିଭିନ୍ନ ସମୟରେ ବସ୍ତାରେ ଆସୁଥିବା ସାମଗ୍ରୀ ଓଜନ କମୁଥିବା ଡିଲର ସାହୁ ଅଭିଯୋଗ କରିଛନ୍ତି, ଯାହାର ପରିଣାମ ସ୍ୱରୂପ ପରୋକ୍ଷରେ ସେ ଲୋକଙ୍କ ଶିକାର ହେଉଛନ୍ତି ବୋଲି କହିଛନ୍ତି।

ଅନ୍ୟପକ୍ଷରେ ସେଠାରେ ଉପସ୍ଥିତ ଥିବା ପଡିକାର୍ଡଧାରୀ ମିନତି ଦାସ, ଛବି ନାୟକ, ପାର୍ବତୀ ସିଂ ଓ ସୁଲୋଚନା ସେଠୀ ପ୍ରମୁଖ କୁହନ୍ତି ଯେ, ଆଖା ପାଖ ଗାଁରେ ଚାଉଳ, ଗହମ ଦିଆ ସରିଥିବା ବେଳେ ଆମେ ଏ ପର୍ଯ୍ୟନ୍ତ ପାଇ ପାରୁନୁ। ପେଟପାଟଣା ପାଇଁ ଅସୁବିଧାର ସମ୍ମୁଖୀନ ହେଉଛୁ। ତେଣୁ ବାଧ୍ୟ ହୋଇ ଡିଲରଙ୍କଠାରୁ ସତ୍ୟାସତ୍ୟ ଜାଣିବାକୁ ଆମ୍ଭେମାନେ ବହୁ ସଂଖ୍ୟାରେ ଆସିଛୁ ବୋଲି ମତପ୍ରକାଶ କରିଛନ୍ତି। ଖାଦ୍ୟ ସୁରକ୍ଷା ଯୋଜନାରେ ଗରିବ ପରିବାରଙ୍କୁ ରାଶନ ସାମଗ୍ରୀ ଯୋଗାଇ ଦିଆଯାଉଥିବା ବେଳେ ଉକ୍ତ ଡିଲର ପଏଣ୍ଟରେ ଦେଖାଯାଇଥିବା ବ୍ୟତିକ୍ରମ ପ୍ରଶାସନକୁ ଅଯଥା ବିବାଦ ଘେରକୁ ଟାଣି ଆଣିଛି। ଏ ସମ୍ପର୍କରେ ଏମ୍‌ଆଇ ମୋଛିରାମ ଦାସଙ୍କୁ ପଚାରିବାରେ ଖୁବ୍‌ଶୀଘ୍ର ଯୋଗାଇ ଦିଆଯିବ ବୋଲି ସେ କହିଥିଲେ। ଅନ୍ୟପକ୍ଷରେ ସବ୍ କଲେକ୍ଟର ମହେନ୍ଦ୍ର ପ୍ରସାଦ ମହାନ୍ତିଙ୍କ ସହ ଯୋଗାଯୋଗ କରିବାରେ ଏହା ଆଦୌ ଠିକ୍ ନୁହେଁ, କ'ଣ ହୋଇଛି ବୁଝିଛି ବୋଲି ସେ କହିଥିଲେ। ତେବେ ଆଗାମୀ ଦୁଇଦିନ ମଧ୍ୟରେ ରାଶନ ସାମଗ୍ରୀ ପ୍ରଦାନ କରା ନ ଗଲେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ଲୋଚନ ଦାସ, ଅଞ୍ଜଳି ଦାସ, କୁନିଲତା ଦାସ, ଶଙ୍କର ଦାସ ଗଜେନ୍ଦ୍ର ଲେଙ୍କା, ରବୀନ୍ଦ୍ର ସାହୁଙ୍କ ସମେତ ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଲେବଲ -୨ କଣ୍ଟ୍ରାକ୍ଟର ହୋତାଙ୍କ ମୋବାଇଲ ୭୨୦୫୨୦୧୨୫୨/୮୩୩୯୦୫୧୨୫୨ ନମ୍ବରରେ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ୍ ଉଠାଇ ନ ଥିଲେ।


ରାଶନ ସାମଗ୍ରୀ ନ ପାଇ ଦେଉଳିସାହି ହିତାଧିକାରୀମାନେ ଡିଲରଙ୍କୁ ଘେରାଉ କରିଛନ୍ତି।

